

ଭୁବନେଶ୍ୱର ରସୁଲଗଡ଼ ଦୁର୍ଗାପୂଜା ମଣ୍ଡପରେ ଶନିବାର ମହାସପ୍ତମୀ ପୂଜା ଅବସରରେ ମା’ ଦଶଭୁଜା।



ଝାରପଡା ପୂଜାମଣ୍ଡପ।



ନୟାପଲ୍ଲୀ ପୂଜା ମଣ୍ଡପ।



ଭୁବନେଶ୍ୱର ବମିଖାଲ ମଣ୍ଡପରେ ପୂଜା ପାଉଥିବା ମା’ଦୁର୍ଗା।



କଟକ ରୋଡ଼ସ୍ଥିତ ଲକ୍ଷ୍ମୀସାଗର ବ୍ୟବସାୟୀ ସଂଘ ପକ୍ଷରୁ ପୂଜା ପାଉଥିବା ମା’ ଦୁର୍ଗା।



ପୁରୁଣା ଏଜି କଲୋନି।



ପୁରୁଣା ଭୁବନେଶ୍ୱର ବଡ଼େଇବାଙ୍କ ଛକ।



ୟୁନିଟ୍‌-୨ ରାଜଧାନୀ ପୂଜା ସମିତି।



ରବି ଟକିଜ୍ ବ୍ୟବସାୟୀ ସଂଘ।



ଭୁବନେଶ୍ୱର ୟୁନିଟ୍‌-୯ ମହାବୀର ପୂଜା କମିଟି ପକ୍ଷରୁ ହନୁମାନଙ୍କ ପୂଜାର୍ଚ୍ଚନା।



ୟୁନିଟ୍‌-୧ ଶ୍ରୀଶ୍ରୀ ମହାଦେବ ପୂଜା କମିଟି ପକ୍ଷରୁ ପୂଜା ପାଉଥିବା ହରପାର୍ବତୀ।



ଭୁବନେଶ୍ୱର ବରମୁଣ୍ଡା ପୂଜା କମିଟି ପକ୍ଷରୁ ନିର୍ମିତ ଆକର୍ଷଣୀୟ ତୋରଣ।



କଟକ ରୋଡ୍ ପୂଜା ମଣ୍ଡପ ତୋରଣ।



ଝାରପଡା ପୂଜା ମଣ୍ଡପ ପକ୍ଷରୁ ନିର୍ମିତ ତୋରଣର ରାତ୍ରିକାଳୀନ ଦୃଶ୍ୟ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ

ବେଗୁନିଆ,୨୧।୧୦(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଏବଂ ବେଗୁନିଆ ଅବକାରୀ ଥାନା ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ୨୧ଲିଟର ଦେଶୀ ମଦ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତି ନେଇ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଗ୍ରାମର ଦୁର୍ଯ୍ୟୋଧନ ସାହୁ ଓ ସଞ୍ଜୟ ସାମନ୍ତରାୟ ଏବଂ ଶଗଡଭଙ୍ଗା ଗ୍ରାମର ବୁଟୁ ପଟ୍ଟନାୟକ। ଏମାନେ ଦୀର୍ଘବର୍ଷ ହେବ ଗାଁ ଗାଁ ବୁଲି ବେଆଇନଭାବେ ମଦ ବିକ୍ରି କରୁଥିଲେ ବୋଲି ପୋଲିସ କହିଛି। ଖୋର୍ଦ୍ଧା ଅବକାରୀ ଥାନା ଅଧିକାରୀ ଆଲୋକ କୁମାର ପ୍ରଧାନ ଏବଂ ବେଗୁନିଆ ଅବକାରୀ ଥାନା ଅଧିକାରୀ ଏନ୍. ଜାଗିନ ରାଓଙ୍କ ସମେତ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ।

### ପାରିବାରିକ କଳହରୁ ଗଣ୍ଡଗୋଳ: ଦୁଇ ଯାଆ, ଦେଢ଼ଶୁର ଗିରଫ

ବାଲୁଗାଁ,୨୧।୧୦(ସଂଗ୍ରାମ କେଶରୀ ପାଇକରାୟ)

ବାଲୁଗାଁ ଥାନା ଅଧୀନ ନାଭାଲ ଫାଣ୍ଡି ଅନ୍ତର୍ଗତ ଚାଷଙ୍ଗରା ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟଣାରେ ପୋଲିସ ଦୁଇ ମହିଳା (ଦୁଇ ଯାଆ) ଓ ଦେଢ଼ଶୁରଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଗ୍ରାମର ଗଙ୍ଗାଧର ଜେନା ଓ ତାଙ୍କ ସ୍ତ୍ରୀ ସୁନ୍ଦରୀମଣି ଜେନା ଏବଂ ଭାଇବୋହୂ ସବିତା ଜେନା। ସୂଚନା ମୁତାବକ, ଗଙ୍ଗାଧରଙ୍କ ପରିବାର ଗ୍ରାମରେ ରହୁଥିବା ବେଳେ ଭାଇ ଗୟାଧର କାମ କରିବା ପାଇଁ ବାହାରକୁ ଯାଇ ସେଠାରେ ରହୁଥିବା ବେଳେ ତାଙ୍କ ସ୍ତ୍ରୀ ସବିତା ଗ୍ରାମରେ ରୁହନ୍ତି। କୌଣସି କାରଣକୁ ନେଇ ଶନିବାର ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ସୁନ୍ଦରୀମଣି ଓ ସବିତାଙ୍କ ଅଭିଯୋଗ ପରେ ଥାନାରେ ଦୁଇଟି ମାମଲା (ନଂ.୨୯୧, ୨୯୨/୨୩) ରୁଜୁ ହୋଇଛି। ନାଭାଲ ଫାଣ୍ଡି ଅଧିକାରୀ ଦିଲୀପ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସବିତାଙ୍କ ଅଭିଯୋଗ ଆଧାରରେ ଦେଢ଼ଶୁର ଗଙ୍ଗାଧର ଓ ଯାଆ ସୁନ୍ଦରୀମଣିଙ୍କୁ ଗିରଫ କରାଯାଇଛି। ସେହିପରି ସୁନ୍ଦରିମଣୀଙ୍କ ଅଭିଯୋଗକ୍ରମେ ଯାଆ ସବିତାକୁ ଗିରଫ କରାଯାଇଥିବା ପୋଲିସ କହିଛି।

### ବିଜୟା ଦଶମୀ ଉତ୍ସବ ପାଳିତ

ଟାଙ୍ଗୀ,୨୧।୧୦(ରଘୁନାଥ ସାହୁ)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଟାଙ୍ଗୀ ଖଣ୍ଡ ପକ୍ଷରୁ ଚାନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ସଂଘଚାଳକ ଲଳିତ ନାରାୟଣ ମହାପାତ୍ର ଅତିଥିଭାବେ ଯୋଗଦେଇ କହିଥିଲେ, ଆସୁରିକ ଶକ୍ତିର ବିନାଶ ପାଇଁ ଶକ୍ତିସ୍ୱରୂପିଣୀ ମା'ଦୁର୍ଗାଙ୍କ ଆବିର୍ଭାବ ହୋଇଥିଲା, ଯାହାଦ୍ୱାରା ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିଲା। ପ୍ରତ୍ୟେକ ବ୍ୟକ୍ତି ନିଜର ସଞ୍ଚିତ ଶକ୍ତିକୁ ସମାଜ ସୁରକ୍ଷା କାର୍ଯ୍ୟରେ ବିନିଯୋଗ କରିବା ସହିତ ସମାଜରେ କିପରି ଶାନ୍ତି ପ୍ରତିଷ୍ଠା ହୋଇପାରିବ ଜନସାଧାରଣଙ୍କୁ ସଙ୍ଗଠିତ କରିବା ଆବଶ୍ୟକ। ଜିଲା ଶାରୀରିକ ଶିକ୍ଷଣ ପ୍ରମୁଖ କାର୍ତ୍ତିକେଶ୍ୱର ମହାପାତ୍ର ଅତିଥି ପରିଚୟ, ଦିବ୍ୟରଞ୍ଜନ ସାହୁ ମୁଖ୍ୟ ଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ରଘୁନାଥ ସାହୁ, ପ୍ରଭାକର ବିଶ୍ୱାଳ, ପ୍ରଦ୍ୟୁମ୍ନ ସାଥୁଆ, ସହଦେବ ଜାଲି, ଶିବପ୍ରସାଦ ସାହୁ, ଯତୀନ ସାହୁ, ଚନ୍ଦନ ସ୍ୱାଇଁ, ଶାନ୍ତନୁ ପାଇକରାୟ ଉପସ୍ଥିତ ଥିଲେ।

# ବଡ଼ପୋଖରିଆରେ ୨୦ ଟିକିଆ ହାତୀପଲ

ନିରାକାରପୁର,୨୧।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)



ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି। ଜଙ୍ଗଲରେ ହାତୀଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମିଳୁ ନ ଥିବାରୁ ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗିଆ'ନ୍ତି। ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଇଥିବା ନଜିର ରହିଛି। ଶନିବାର ସନ୍ଧ୍ୟାରେ ଭୂଷଣ୍ଡପୁର ବନଖଣ୍ଡ ଅନ୍ତର୍ଗତ ବଡ଼ପୋଖରିଆ ଅଞ୍ଚଳରେ ୨୦ଟି ହାତୀ କମାଗୁରୁ ରାସ୍ତାରେ ଥିବା ପୁରୁଣାଗଡ଼ ପୋଖରୀରେ ପାଣି ପିଇ ବଡ଼ପୋଖରିଆ ଗ୍ରାମ ଅଭିମୁଖେ ଯାଇଥିବା ଜଣାପଡ଼ିଛି। ଖବରପାଇ ବନ ବିଭାଗ ପକ୍ଷରୁ ଦୁଇଟି ପାଟ୍ରୋଲିଂ ଗାଡ଼ିରେ ଗଜସାଥୀଙ୍କ ସମେତ ୧୬ଜଣ ଷ୍ଟାଫ୍ ହାତୀପଲଙ୍କ ଗତିବିଧି ଲକ୍ଷ୍ୟକରି ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରଖିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ହାତୀପଲଙ୍କ ଗତିବିଧି ଦେଖି ୧୬ ନମ୍ବର ଜାତୀୟ ରାଜପଥରେ ଯାଉଥିବା ଲୋକେ ଭୟଭୀତ ହେବା ସହ ସ୍ଥାନୀୟ ଚାଷୀମାନେ ଫସଲ କ୍ଷତି ହେବା ନେଇ ଆଶଙ୍କା କରିଛନ୍ତି। ତେବେ ହାତୀପଲଙ୍କୁ ନିକଟ ଜଙ୍ଗଲକୁ ଘଉଡ଼ାଇବା ସହ ସେମାନଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିବା ପାଇଁ ସାଧାରଣରେ ଦାବି ହେଉଛି।

## ଗୋବଂଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

ଜଟଣୀ,୨୧।୧୦
(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ନିକଟ ରେଙ୍ଗଳ ଗ୍ରାମଠାରେ ଆମରି ସତ୍ୟ ବିକାଶ ପରିଷଦ ଓ ମାଷ୍ଟର ମାଣିଆ ସ୍ମୃତି ସାଂସଦ ପକ୍ଷରୁ 'ଜନକଲ୍ୟାଣରେ ଗୋମାତା' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ ରମାକାନ୍ତ ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସଚ୍ଚିଦାନନ୍ଦ ପଟ୍ଟନାୟକ, ଯୁଧିଷ୍ଠିର ବେହେରା, ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। ଗୋ ସମ୍ପଦ ଦେଶର ସମ୍ପଦ ଏବଂ ମା'ରୂପେ ଜୈବିକ ସାର ଯୋଗାଇ ସମାଜର ହିତ କରୁଛି ବୋଲି ମତପ୍ରକାଶ ପାଇଥିଲା। କ୍ଷୀର, ଗୋବର ଏବଂ ଗୋମୂତ୍ର କିପରି ଆୟୁର୍ବେଦରେ ରୋଗ ନିବାରଣ ପାଇଁ ବ୍ୟବହାର କରାଯାଇ ସମାଜ ମଙ୍ଗଳ କରାଯାଉଛି ସେ ଦିଗରେ ଆମରି ସତ୍ୟ ପ୍ରତିଷ୍ଠାତା କହିଥିଲେ। ଏହି ଅବସରରେ ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଆମରି ସତ୍ୟ ବିକାଶ ପରିଷଦ ପକ୍ଷରୁ ମାଷ୍ଟର ମାଣିଆ ସ୍ମୃତି ସଂସଦକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିରଞ୍ଚି ନାରାୟଣ ସାମନ୍ତସିଂହାର, ଜଳଧର ବେହେରା, ବିଭୂତି ଭୂଷଣ ନନ୍ଦ, ଅଜୟ ବିଶ୍ୱାଳ, ମଙ୍ଗୁଳି ପରିଡା, କାଳୁଚରଣ ଦାସ, ସରପଞ୍ଚ ସାଗରିକା ବଡ଼ଜେନା, ଝାଡୁ ଲେଙ୍କା, ସମରଜିତ ପଟ୍ଟନାୟକ, ବାସୁଦେବ ସାହୁ, ବ୍ରଜବନ୍ଧୁ ନାୟକ ପ୍ରମୁଖ ଯୋଗଦେଇ ଗୋ ବଂଶର ସୁରକ୍ଷା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୁରେଶ ଚନ୍ଦ୍ର ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପଦ୍ମନାଭ ପାଣିଗ୍ରାହୀ ସଭାପତିତ୍ୱ, ସୌଦାମିନୀ ବେହେରାଙ୍କ ସଂଯୋଜନା ଏବଂ ପଦ୍ମଲୋଚନ ସାହୁଙ୍କ ସହଯୋଗରେ କବିତା ଅସାର ଅନୁଷ୍ଠିତ ହୋଇଥିଲା। ଆଦିନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ।

## ବକୁଳ ଫାଉଣ୍ଡେଶନ ପକ୍ଷରୁ ବୁର୍ଲାରେ ପାଠାଗାର ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୧୦ (ବନ୍ଦନା ସେଠୀ)

ବକୁଳ ଫାଉଣ୍ଡେଶନ ପକ୍ଷରୁ ବୁର୍ଲାର ଗୋପବନ୍ଧୁ ଛକଠାରେ ଗୋପବନ୍ଧୁ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରି କହିଲେ, ସମ୍ପ୍ରତି ପାଠକମାନେ ପୁସ୍ତକଠାରୁ ଦୂରେଇ ଯାଉଛନ୍ତି। ପୁସ୍ତକ ପଠନ ଏକ ଭଲ ଅଭ୍ୟାସ। ତେଣୁ ଏହାକୁ ଜାରିରଖିବା ଉଚିତ। ଏହି ପାଠାଗାର ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ପାଠକଙ୍କ ପାଇଁ ଖୁବ୍ ଉପାଦେୟ ହୋଇପାରିବ ବୋଲି ତ୍ରିପାଠୀ କହିଥିଲେ। ଗୋପବନ୍ଧୁ ପାଠାଗାରରେ ବିନା ଦେୟରେ ସମସ୍ତଙ୍କ ପାଇଁ ପୁସ୍ତକ ପଠନର ସୁବିଧା ରହିଛି। ଏହା ମଙ୍ଗଳବାରଠାରୁ ରବିବାର ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ ଓ କେବଳ ସୋମବାର ଦିନ ଏହା ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି। ଏଠାରେ ପିଲାଙ୍କଠାରୁ ବୟସ୍କ ସବୁ ବର୍ଗର ଲୋକଙ୍କ ପାଇଁ ଉଭୟ ଇଂଲିଶ ଓ ଓଡ଼ିଆ ଭାଷାରେ ୧୦ହଜାରରୁ ଅଧିକ ପୁସ୍ତକ ରହିଛି। କେବଳ ପୁସ୍ତକ ନୁହେଁ, ପାଠାଗାରକୁ ସୁନ୍ଦର ଭାବେ ଡିଜାଇନ୍ କରାଯାଇ ପ୍ରାକୃତିକ ରୂପ ଦିଆଯାଇଛି। ବହି ଥାକକୁ ଗଛ ଭଳି ଡିଜାଇନ୍ କରାଯାଇଥିବାବେଳେ ସମ୍ବଲପୁରୀ ଶାଢ଼ିରେ ଜଣେ ମହିଳା ବହିର ଡ଼ଙ୍ଗା ଉପରେ ବସି ଯାତ୍ରା କରୁଥିବା ଚିତ୍ର ସୃଜନଶୀଳତାର ଅନନ୍ୟ ଉଦାହରଣ ପାଲଟିଛି। ପାଠାଗାର ଉଦ୍‌ଘାଟନ ପରେ ଅଧ୍ୟକ୍ଷ ତ୍ରିପାଠୀ ଚିପିଲିମାସ୍ଥିତ କୃଷି ଓ ଉଦ୍ୟାନ କୃଷି ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସେ ଅଧ୍ୟାପକଙ୍କ ସହିତ କୃଷିବିଜ୍ଞାନ ଉପରେ ଆଲୋଚନା କରିଥିଲେ। ବକୁଳ ଫାଉଣ୍ଡେଶନର ମୁଖ୍ୟ ସୁଜିତ୍ ମହାପାତ୍ର, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ପାଠାଗାର ଉଦ୍‌ଘାଟନ କରୁଛନ୍ତି।

## ଉତ୍ତମ ବ୍ୟବହାର କଲେ ସମ୍ମାନ ମିଳିବ

ଖୋର୍ଦ୍ଧା,୨୧।୧୦(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ପୋଲିସ ବାହିନୀ, ଖୋର୍ଦ୍ଧା ଜିଲା ପକ୍ଷରୁ ୬୪ତମ ପୋଲିସ ଶହୀଦ ସ୍ମୃତି ଦିବସ ତରତୁଆସ୍ଥିତ ସଂରକ୍ଷିତ ପୋଲିସ ପଡିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଏସ୍‌ପି ସିଦ୍ଧାର୍ଥ କଟାରିଆ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଏହି ଅବସରରେ ଏସ୍‌ପି କଟାରିଆ କହିଥିଲେ, ପୋଲିସ ନିଜ ଦାୟିତ୍ୱ, କର୍ତ୍ତବ୍ୟ ସୁଚାରୁଭାବେ ତୁଲାଇ ଆସୁଛି। ଜନତାଙ୍କ ସୁରକ୍ଷା, ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ପ୍ରାକୃତିକ ବିପର୍ଯ୍ୟୟ, ମାଓ ଦମନ ଆଦି କାର୍ଯ୍ୟରେ ନିୟୋଜିତ ରହିଛି। ଏଥିଲାଗି ଜନତାଙ୍କ ସହଯୋଗ ଜରୁରୀ। ଲୋକଙ୍କୁ ଉତ୍ତମ ବ୍ୟବହାର କଲେ, ସମ୍ମାନ ପାଇବ ବୋଲି କହିଥିଲେ। ଖୋର୍ଦ୍ଧା ଜିଲାରେ ଅପରାଧ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା, କରୋନା ସମୟରେ ପୋଲିସର ପ୍ରମୁଖ ଭୂମିକା ରହିଥିଲା। ଜିଲାର ୧୦ଟି ଥାନା ଆମ ପୋଲିସ ଗଠନ କରାଯାଇ ଲୋକଙ୍କ ନିକଟତର ହୋଇପାରିଛି ବୋଲି ସେ କହିଥିଲେ। ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ ସ୍ୱାଗତ ଭାଷଣରେ କହିଥିଲେ, କର୍ତ୍ତବ୍ୟ ପାଳନ ସମୟରେ ନିଜ ଜୀବନକୁ ଉତ୍ସର୍ଗ କରି ଦେଶ ପାଇଁ ଶହୀଦ ହୋଇଥିବା ପୋଲିସ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏହି ସ୍ମୃତି ଦିବସ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡଙ୍କ ସମେତ ଜିଲାର ସମସ୍ତ ପୋଲିସ ଅଧିକାରୀ, ନିମନ୍ତ୍ରିତ ଅତିଥି ପ୍ରମୁଖ ଉପସ୍ଥିତ ଥିଲେ।

## 'ସଂସ୍କାରିତ ବ୍ୟକ୍ତି ପରିବର୍ତ୍ତନ ଆଣିବେ'

ଖୋର୍ଦ୍ଧା,୨୧।୧୦(ପ୍ରଭାତ ପାଣିଗ୍ରାହୀ)

**ଆରଏସ୍‌ଏସ୍‌ର ବିଜୟା ଦଶମୀ ଉତ୍ସବ**

ସଂଘର ପ୍ରମୁଖ ଆଧାର ହେଉଛି ନିତ୍ୟ ଶାଖା। ବ୍ୟକ୍ତି ନିର୍ମାଣ, ସଂସ୍କାରର କେନ୍ଦ୍ରବିନ୍ଦୁ। ସଂସ୍କାରିତ ବ୍ୟକ୍ତି ହିଁ ସମାଜରେ ପରିବର୍ତ୍ତନ ଆଣିପାରିବେ। ଦୀର୍ଘ ୯୮ବର୍ଷ ସଂଘ ଗୋଟିଏ କାମ କରି ଆସିଛି, ତାହା ହେଉଛି ବ୍ୟକ୍ତି ନିର୍ମାଣରୁ ରାଷ୍ଟ୍ର ନିର୍ମାଣ। ସ୍ୱୟଂସେବକମାନେ ସାମାଜିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସମସ୍ତଙ୍କ ମଧ୍ୟରେ ଏକତ୍ୱ ଭାବ ସହ ରାଷ୍ଟ୍ରୀୟତା, ଜାତୀୟତା ଜାଗ୍ରତ କରିବାରେ ଲାଗିଛନ୍ତି। ବିଜୟା ଦଶମୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ) ପ୍ରତିଷ୍ଠା ହୋଇଥିଲା। ସଂଘରେ ବ୍ୟକ୍ତି ବିଶେଷଙ୍କୁ ଗୁରୁ ପଦବାଚ୍ୟ ପରିବର୍ତ୍ତେ ଭାରତୀୟ ସଂସ୍କୃତି, ପରମ୍ପରାର ପ୍ରତୀକ ଗୈରିକ ଧ୍ୱଜାକୁ ଗୁରୁ ଭାବେ ଗ୍ରହଣ କରିଛି ବୋଲି ଆରଏସ୍‌ଏସ୍ ଖୋର୍ଦ୍ଧା ନଗର ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ବିଜୟା ଦଶମୀ ଉତ୍ସବରେ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସଂଘ ପୁରୀ ବିଭାଗ ଗୋରକ୍ଷା ପ୍ରମୁଖ ଶ୍ରୀନିବାସ ମାନସିଂ ଏହା କହିଛନ୍ତି। ସେ ଆହୁରି କହିଥିଲେ, ସଂଘ ଶାଖାରେ ସ୍ୱୟଂସେବକମାନଙ୍କୁ ଦେଶ, ମାତୃତ୍ୱର ଭାବଧାରା ଗଢା ଯାଇଥାଏ। ବ୍ୟକ୍ତି ସଂସ୍କାରିତ ହେଲେ କାର୍ଯ୍ୟରେ ପ୍ରଭାବ ପଡିବ। ନିତ୍ୟ ବୈଚାରିକ ଲଢେଇ ଜାରି ରହିଛି। ମୁଖ୍ୟ ଅତିଥି ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ମହନ୍ତ କହିଥିଲେ, ବିଜୟା ଦଶମୀ ହେଉଛି ବିଜୟର ଉତ୍ସବ। ଭାରତୀୟ ସଂସ୍କୃତି, ପରମ୍ପରା ବିଶ୍ୱକୁ ଦିଗ୍‌ଦର୍ଶନ ଦେଉଛି। ରାମାୟଣ, ମହାଭାରତ ହେଉଛି ଜୀବନମୂଲ୍ୟର ଆଧାର। ଇତିହାସ ସମ୍ପର୍କରେ ପିଲାମାନେ ଜାଣିବା ଆବଶ୍ୟକ। ବାପା ମାଆ, ଗୁରୁଜନଙ୍କୁ ଉଚିତ ସମ୍ମାନ ଦେବା ପିଲାମାନଙ୍କ କର୍ତ୍ତବ୍ୟ। ନଗର ସଂଘଚାଳକ ଶିକ୍ଷାବିତ୍ କିଶୋର ଚନ୍ଦ୍ର ବରାଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱୟଂସେବକମାନେ ପୂର୍ଣ୍ଣ ଗଣବେଶରେ ଘୋଷବାଦ୍ୟ ସହ ଶିଶୁ ମନ୍ଦିରରୁ ପଥ ସଞ୍ଚଳନରେ ବାହାରି ନଗର ପରିକ୍ରମା କରିଥିଲେ। ଶିଶୁ ମନ୍ଦିରରେ ଆୟୋଜିତ ଉତ୍ସବରେ ଅତିଥିମାନେ ଭାରତମାତା ଓ ମା'ଦୁର୍ଗାଙ୍କ ପୂଜନ କରିଥିଲେ। ସ୍ୱୟଂସେବକମାନେ ଶାରୀରିକ କୌଶଳ ଏବଂ ଘୋଷବାଦକମାନେ ଘୋଷ ପ୍ରଦର୍ଶନ କରିଥିଲେ। ବିଭାଗ କାର୍ଯ୍ୟବାହ ବେଲେଶ୍ୱର ସାହୁ, ବିଭାଗ ପର୍ଯ୍ୟାବରଣ ପ୍ରମୁଖ ନିରଞ୍ଜନ ସାହୁ, ବିବିଧ କ୍ଷେତ୍ର କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ, ଶିକ୍ଷାବିତ ପ୍ରମୁଖ ଉପସ୍ଥିତ ଥିଲେ। ନଗର କାର୍ଯ୍ୟବାହ ଆଦିତ୍ୟ ମହାରଣା ଓ ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଗିରିଜା ମହାପାତ୍ର କାର୍ଯ୍ୟକ୍ରମ ଓ ଶାରୀରିକ ଘୋଷ ପ୍ରଦର୍ଶନୀ ସଂଯୋଜନା କରିଥିଲେ।

## ଭୁବନେଶ୍ୱରର ୟୁନିଟ୍-୩ ବିଜୟୀ

ବୋଲଗଡ଼,୨୧।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ କଚେରୀବର କବାଡି ଖେଳପଡିଆରେ ସ୍ଥାନୀୟ ମା'ରାମଚଣ୍ଡୀ କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ ଲିଗ ମ୍ୟାଚରେ ପଟିଆ କବାଡି ଟିମ୍‌କୁ ୨୨ପଏଣ୍ଟ ଅଧିକ ବ୍ୟବଧାନରେ ହରାଇ ଭୁବନେଶ୍ୱର ୟୁନିଟ୍-୩ ଟିମ୍ ବିଜୟୀ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ସୁଦ୍ଧା ପଟିଆ ଟିମ୍ ୧୦ ପଏଣ୍ଟ ହାସଲ କରିଥିବା ବେଳେ ୟୁନିଟ୍-୩ ଟିମ୍ ୨୬ ପଏଣ୍ଟ ପାଇ ଆଗୁଆ ରହିଥିଲା। ତେବେ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ସୁଦ୍ଧା ପଟିଆ ଟିମ୍ ୨୮ ପଏଣ୍ଟ ପାଇଥିବା ବେଳେ ୟୁନିଟ୍-୩ ଟିମ୍ ୫୦ ପଏଣ୍ଟ ହାସଲ କରି ମ୍ୟାଚ ବିଜୟୀ ହୋଇଥିଲା। ଅଜୟ ବଳିୟାରସିଂହ, ନୀଳକଣ୍ଠ ବେହେରା, ଗୋପାଳ ଚନ୍ଦ୍ର ମହାନ୍ତି, କାହ୍ନୁଚରଣ ସାମନ୍ତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ସୁରେଶ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ବିଜେଡି ପର୍ଯ୍ୟବେକ୍ଷକ କୈଳାଶ ପାତ୍ର, ସମ୍ମାନିତ ଅତିଥିଭାବେ ଯୁବ ବିଜେଡି ସଭାପତି ରବୀନ୍ଦ୍ର ନାଥ ସୁବୁଦ୍ଧି, ବଙ୍କୋଇଦେଶ ପଞ୍ଚାୟତର ସମିତିସଭ୍ୟ ରଞ୍ଜନ କୁମାର ଲେଙ୍କା, ଶିକ୍ଷକ ନେତା ସୁମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ।



ଜଟଣୀ: ମା' ଉତ୍ତରାୟଣୀଙ୍କ ସିଂହବାହିନୀ ବେଶ।



ନିରାକାରପୁର: ମା' ବନଦୁର୍ଗାଙ୍କ କାଳରାତ୍ରି ବେଶ।



ମା' ନାରାୟଣୀଙ୍କ ସିଂହବାହିନୀ ବେଶ।

## ଭାଜପାରେ ମିଶିଲେ ୩ ପରିବାର

କୃଷ୍ଣପ୍ରସାଦ,୨୧।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ରାମଲେଙ୍କା ପଞ୍ଚାୟତ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ମିଶ୍ରଣ ପର୍ବ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପାନେତ୍ରୀ ଉପାସନା ମହାପାତ୍ରଙ୍କ ନୀତି, ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ରାମଲେଙ୍କା ପଞ୍ଚାୟତର ୩ଟି ବିଜେଡି ପରିବାର ସଦସ୍ୟ ଭାଜପାରେ ଯୋଗଦେଇଛନ୍ତି। ରାମଲେଙ୍କା ପଞ୍ଚାୟତର ଅଜୟ ବେହେରା, ସୁଦର୍ଶନ ବେହେରା, ରମେଶ ଚନ୍ଦ୍ର ବିଶ୍ୱାଳ ଯୋଗଦେବା ପରେ ରାମଲେଙ୍କା ପଞ୍ଚାୟତରେ ଭାଜପା ସଙ୍ଗଠନ ସୁଦୃଢ଼ ହେବାରେ ଲାଗିଛି। ଏହି ଅବସରରେ ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନା, ରଘୁନାଥ ବଡୁ, ଉତ୍ତମ ତରେଇ, ସୁରେନ୍ଦ୍ର ବିଶ୍ୱାଳ, ଜଳନ୍ଧର ଦଳେଇ, ନିରଞ୍ଜନ ବିଶ୍ୱାଳ, ହଳଧର ବିଶ୍ୱାଳ, ମୋଚିରାମ ବେହେରା, ଛଇଳ କିଶୋର ନାୟକ, ପ୍ରତାପ ସାହୁ, ପଙ୍କଜ ଦାସ, ଉଦୟନାଥ ବେହେରାଙ୍କ ସହିତ ଭାଜପା ନେତ୍ରୀ ମହାପାତ୍ର ବିଭିନ୍ନ ଗ୍ରାମକୁ ଯାଇ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ରାମଲେଙ୍କା ପଞ୍ଚାୟତ ଭାଜପାର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ରାଜ କିଶୋର ସାହୁ, ସମ୍ପାଦକ ରମେଶ ଚନ୍ଦ୍ର ବିଶ୍ୱାଳ, ଉପସଭାପତି ଲକ୍ଷ୍ମୀ ଚରଣ ବେହେରା, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି।

## ଫାଇନାଲରେ ଗୋପାଳପୁର-ସତ୍ୟନାରାୟଣ କ୍ଲବ

ଟାଙ୍ଗୀ,୨୧।୧୦(ରଘୁନାଥ ସାହୁ)

**ପ୍ରଶାନ୍ତ ଓ ହରିହର ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଟାଙ୍ଗୀ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚିଲିକା ଷ୍ଟାଡିୟମଠାରେ ଚାଲିଥିବା ପ୍ରଶାନ୍ତ ଓ ହରିହର ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଗୋପାଳପୁର ଫୁଟ୍‌ବଲ କ୍ଲବ ଦ୍ୱିତୀୟ ଟିମ୍ ଭାବେ ଫାଇନାଲରେ ପ୍ରବେଶ କରିଛି। ରବିବାର ସତ୍ୟନାରାୟଣ କ୍ଲବ ହାଟବରଡ଼ି ଓ ଗୋପାଳପୁର ଫୁଟ୍‌ବଲ କ୍ଲବ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଟାଙ୍ଗୀ ସ୍ପୋର୍ଟ୍ସ ଆସୋସିଏଶନ ଓ ଗୋପାଳପୁର ଫୁଟବଲ କ୍ଲବ ଟିମ୍ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟାଇବ୍ରେକରରେ ଗୋପାଳପୁର ଟିମ୍ ୫-୪ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ଅତିଥିଭାବେ ସାମାଜିକକର୍ମୀ ଦୁଃଶାସନ ବିଶ୍ୱାଳ ଯୋଗଦେଇଥିଲେ। ଅବିନାଶ ପଟ୍ଟନାୟକ, ବିପିନ କୁମାର ସାମନ୍ତରାୟ, ନନ୍ଦ କିଶୋର ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଣୟ ପାଇକରାୟ, ସତ୍ୟରଞ୍ଜନ ଜେନା, କାହ୍ନୁ ପାତ୍ର, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ ଓ ମହକ'

ଖୋର୍ଦ୍ଧା,୨୧।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଜିଲା ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀଙ୍କୁ ନେଇ ଅନୁଷ୍ଠିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ ଓ ମହକ-୨୦୨୩' ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଖେଳପଡିଆ ଓ ବିଜେବି ହାଇସ୍କୁଲ ପରିସରରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ୩୦୩ଜଣ ଅନ୍ତେବାସୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଚେସ୍ ପ୍ରତିଯୋଗିତାରେ ବାଳିକାରେ ଆଦୃତ ଶିଶୁ ଯତ୍ନ ଅନୁଷ୍ଠାନର ରୂପା ସେଠୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନେହେରୁ ସେବା ସଂଘର ଶିବାନୀ ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବାଳକ ଚେସରେ ଆଶ୍ରୟ ଶିଶୁ ଯତ୍ନ ଅନୁଷ୍ଠାନରୁ ବଳରାମ ପଟ୍ଟନାୟକ ପ୍ରଥମ ଏବଂ ଆଦୃତରୁ ଲୋକନାଥ ପ୍ରଧାନ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କ୍ୟାରମ ବାଳିକାରେ ଜୀବନଜ୍ୟୋତି ସେବାଶ୍ରମର କେ.ସୁଇଟି ରେଡି ପ୍ରଥମ ଏବଂ ଆଦୃତର ସୁକାନ୍ତ ନାୟକ ଦ୍ୱିତୀୟ। ବାଳକ ବିଭାଗରେ ଆଶ୍ରୟର ଜି.ସୂର୍ଯ୍ୟ ନାରାୟଣ ରାଓ ପ୍ରଥମ ଏବଂ ଦୁଃଖୀରମ ଟୁଡୁ ଦ୍ୱିତୀୟ। ଲମ୍ଫଡିଆଁ ବାଳକରେ ପ୍ରତିଭା ଆଶ୍ରମର ଗୋବିନ୍ଦ ବେହେରା ପ୍ରଥମ ଏବଂ ଦ୍ୱିତୀୟ ଆଦୃତର କାଲୁ ଦାସ। ବାଳିକାରେ ଏସଓଏସର ଝରଣା ପ୍ରଧାନ ପ୍ରଥମ ଏବଂ ଜୀବନଜ୍ୟୋତିର ଗେଲି ପ୍ରଧାନ ଦ୍ୱିତୀୟ। ଉଚ୍ଚଡିଆଁ ବାଳିକାରେ ଆଦୃତର ଦୀପାଲି ମାଝି ପ୍ରଥମ ଏବଂ ସୁଭଦ୍ରା ମହତାବ ସେବାସଦନର ଫୁଲବତୀ ଦ୍ୱିତୀୟ। ବାଳକରେ ଏସଓଏସ୍‌ର ରଶ୍ମି ରଞ୍ଜନ ଦେହୁରୀ ପ୍ରଥମ ଏବଂ ଆଦୃତର ଏନ୍. ଗଣେଶ ଦ୍ୱିତୀୟ। ଶହେ ମିଟର ବାଳିକା ଦୌଡ଼ରେ ନେହେରୁ ସେବା ସଂଘର ଜିନା ରେଡି ପ୍ରଥମ ଏବଂ ସୁଭଦ୍ରା ମହତାବର ସୋନୁ ବେଗମ ଦ୍ୱିତୀୟ। ବାଳକ ଦୌଡ଼ରେ ଏସଓଏସର ଦୁର୍ଗା ପ୍ରଧାନ ପ୍ରଥମ ଏବଂ ପ୍ରତିଭା ଆଶ୍ରମର ଗୋବିନ୍ଦ ବେହେରା ଦ୍ୱିତୀୟ। ବରିଷ୍ଠ ଦଳଗତ ନୃତ୍ୟ ପ୍ରତିଯୋଗିତାରେ ନେହେରୁ ସେବା ସଂଘ ପ୍ରଥମ ଏବଂ ଦିବ୍ୟଜ୍ୟୋତି ସେବା ସଂଘ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ମହୋତ୍ସବକୁ ଗତ ଶୁକ୍ରବାର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ କଳାକାର ହରିହର ଦେଓ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ଅର୍ଥ ରାଶି ପ୍ରଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ଏଲପିଓ ସୌମେନ୍ଦ୍ର ନାୟକ, ରଞ୍ଜନ କୁମାର ଗୋଚ୍ଛାୟତ, ସୁକାନ୍ତ କୁମାର ପୃଷ୍ଟି, ଅଶୋକ କୁମାର ସେଠୀ, ମନସ୍ୱିନୀ ମହାପାତ୍ର, ରିତାଞ୍ଜଳି ମହାନ୍ତି, ଅର୍ଚ୍ଚନା ରାୟ, ମିତୁଲ ନାୟକ, ପ୍ରଭାତ କୁମାର ରାଉତରାୟ, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ କୃତୀ ପ୍ରତିଯୋଗୀ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।


ମା' ପଣାପ୍ରିୟା ଗୋଷାଣୀ ।


ମା' ଚକ୍ରକୋଟୋ ଗୋଷାଣୀ ।


ମା' ଜହ୍ନିଖାଇ ଗୋଷାଣୀ ।


ମା' ବାରବାଟୀ ଗୋଷାଣୀ ।

# ଶ୍ରୀକ୍ଷେତ୍ରରେ ଗୋଷାଣୀ ପୂଜନ

**ପୁରୀ ଅଫିସ, ୨୧।୧୦ (ଅଜିତ୍ ମହାନ୍ତି)**

ପାର୍ବଣର ଆଗମନରେ ପୁରୀ ସହର ଉତ୍ସବମୁଖର ହୋଇପଡ଼ିଛି। ଚଳଚଞ୍ଚଳ ହୋଇଉଠିଛି ଶ୍ରୀକ୍ଷେତ୍ର। ନୀତି ନିୟମ ଅନୁଯାୟୀ ବିଭିନ୍ନ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ଚାଲିଛି। ତେବେ ଶାରଦୀୟ ଦୁର୍ଗାପୂଜା ଅବସରରେ ଶ୍ରୀକ୍ଷେତ୍ରରେ ଗୋଷାଣୀ ପୂଜନର ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଯାହା ଅନ୍ୟ କୌଣସି ସ୍ଥାନରେ ଦେଖାଯାଏ ନାହିଁ। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଜଗଜ୍ଜନନୀ ମା' ଦୁର୍ଗାଙ୍କ ଉପାସନା କାରାଯାଉଥିବା ବେଳେ ଶ୍ରୀକ୍ଷେତ୍ରର ପରମ୍ପରାରେ ଗୋଷାଣୀ ପୂଜନର ପରମ୍ପରା ରହିଛି। ମୁଖ୍ୟତଃ ଗୋଷାଣୀମାନଙ୍କ ପୂଜନ ସପ୍ତମୀ ତିଥିରେ ଆରମ୍ଭ ହୋଇଥାଏ। ପୁରୀର ଗୋଷାଣୀମାନଙ୍କ ମଧ୍ୟରେ ହରଚଣ୍ଡୀ ସାହିର ମା' ବାରବାଟୀଙ୍କୁ ବଡ ଉଭଣୀ ବୋଲି ବିବେଚନା କରାଯାଇଥାଏ। ଏକାଦଶୀ ଦିନ ମା' ବାରବାଟୀ ତାଙ୍କ ଆସ୍ଥାନ ଛାଡିବା ପରେ ଅନ୍ୟ ଗୋଷାଣୀମାନେ ସେମାନଙ୍କ ଆସ୍ଥାନ ଛାଡି ଦେବୀସଭା ନିମନ୍ତେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟକୁ ଆସିଥାନ୍ତି। ମହାସପ୍ତମୀଠାରୁ ମା'ଙ୍କ ନିକଟରେ ପୂଜା ଆରମ୍ଭ ହୋଇଥାଏ। କେବଳ ଅଷ୍ଟମୀ ଦିନ ମା'ଙ୍କ ନିକଟରେ ସଙ୍ଖୁଡ଼ି ଭୋଗ ହୋଇଥାଏ। ନବମୀ ଦିନ ମା'ଙ୍କ ନିକଟରେ ଶୀତଳ ଭୋଗ ହୋଇଥାଏ। ଏକାଦଶୀ ତିଥିରେ ଦେବୀସଭାକୁ ନିଆଯାଏ। ସେଠାରେ ଅବସ୍ଥାନ କରିବା ପରେ ଶ୍ରୀମନ୍ଦିରରେ ଏକାଦଶୀ ମହାଦୀପ ଉଠିବା ପରେ ବାରବାଟୀଙ୍କୁ ବିସର୍ଜନ ପାଇଁ ନିଆଯାଇଥାଏ। ସମସ୍ତ ଗୋଷାଣୀମାନଙ୍କଠାରୁ ବାରବାଟୀ ଅଧିକ ଉଚ୍ଚତା ବିଶିଷ୍ଟ ଅଟନ୍ତି। ସେହିପରି

## ଏକ ନିଆରା ପରମ୍ପରା

ବାରବାଟୀଙ୍କ ପରେ ଦ୍ୱିତୀୟ ବୃହତ୍ତମ ଗୋଷାଣୀ ଭାବରେ ଦୋଳମଣ୍ଡପ ସାହିର ଜହ୍ନିଖାଇ ଠାକୁରାଣୀ ବିବେଚିତ। ଅଙ୍ଗିରା ଆଶ୍ରମ ନିକଟ ମଣ୍ଡପରେ ମା'ଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥାଏ। ମା'ଙ୍କ ନିକଟରେ ଜହ୍ନି ବଳି ପଡୁଥିବାରୁ ମା'ଙ୍କୁ ଜହ୍ନିଖାଇ ବୋଲି କୁହାଯାଏ। ତିନିଦିନ ଧରି ମା'ଙ୍କ ନିକଟରେ ଶୀତଳ ଭୋଗ କରାଯାଇଥାଏ। ଏକାଦଶୀ ଦିନ କାଠି ସଂଯୁକ୍ତ ଜହ୍ନିବଳି ଦିଆଯିବା ପରେ ବିରାଟ ପଟୁଆରରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟକୁ ଯାଇଥାନ୍ତି। ମା'ଙ୍କ ଉଚ୍ଚତା ପ୍ରାୟ ୧୮ ଫୁଟ୍ ଅଟେ। ମା' ଦଶଭୁଜା ଅଟନ୍ତି। ବିଭିନ୍ନ ଆୟୁଧ ଧାରଣ କରିବା ସହ ସିଂହ ଉପରେ ଦଣ୍ଡାୟମାନ ହୋଇ ଅସୁରକୁ ନିଧନ କରିବା ମୁଦ୍ରାରେ ରହିଥାନ୍ତି। ସେହିପରି ବାସେଳି ସାହିର ପଣାପ୍ରିୟା ଠାକୁରାଣୀ ପୂଜା ପାଇଥାନ୍ତି। ମା'ଙ୍କୁ ପଣା ଅଧିକ ପସନ୍ଦ ଥିବାରୁ ତାଙ୍କ ନାମ ପଣାପ୍ରିୟା ବିବେଚନା କରାଯାଏ। ମା'ଙ୍କ ନିକଟରେ ତିନିଦିନ ଧରି ଆମିଷ ଭୋଗ କରାଯାଇଥାଏ। ଦଶମୀ ଦିନ ପାଣି କଖାରୁ ବଳି ଦିଆଯାଏ। ସେହିପରି ଭସାଣୀ ଦିନ ମା'ଙ୍କ ନିକଟରେ ପଣା ଭୋଗ ହେବା ପରେ ଦେବୀ ସଭାକୁ ନିଆଯାଇଥାଏ। ଅନ୍ୟମାନଙ୍କ ମଧ୍ୟରେ ଶୂନ୍ୟ ଗୋଷାଣୀ, ତ୍ରିପୁରା ସୁନ୍ଦରୀ, ବନଦୁର୍ଗା, ଭୋଗଜେଗା ଗୋଷାଣୀ, ହାଡବାଇ, ଗେଲବାଲ, ଚକ୍ରକୋଟଙ୍କ ସହ ପ୍ରାୟ ସହରର ବିଭିନ୍ନ ସାହିରେ ୩୦ରୁ ଊର୍ଦ୍ଧ୍ୱ ଗୋଷାଣୀ ବିଭିନ୍ନ ପୂଜାମଣ୍ଡପରେ ପୂଜା ପାଇଥାନ୍ତି। ଏକାଦଶୀ ତିଥିରେ ପୁରୀର ସାତସାହିର ଗୋଷାଣୀଙ୍କୁ ସିଂହଦ୍ୱାର ସମ୍ମୁଖ ସଭାକୁ ନିଆଯାଇଥାଏ।


ମା' ମହତେଶ୍ୱରୀ ।

## ସଂକ୍ଷେପରେ

### ୬୪ ତମ ପୋଲିସ ଶହୀଦ ଦିବସ

**ପୁରୀ, ୨୧।୧୦(ଅଜିତ୍ ମହାନ୍ତି)**

ଶହୀଦଙ୍କ ନିଷ୍ଠା, ତ୍ୟାଗ ଓ ବଳିଦାନ ଆମ ପାଇଁ ପ୍ରେରଣାର ଉତ୍ସ। ଦେଶମାତୃକା ଲାଗି ବଳିଦାନ ଦେଇଥିବା ଶହୀଦମାନେ ଦେଶର ଆଦର୍ଶ ବୋଲି ଏସ୍‌ପି ଡ. କନୱର ବିଶାଲ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପୋଲିସ ଲାଇନ୍‌ସ୍ଥିତ ପୋଲିସ ରିଜର୍ଭ ପଡିଆରେ ୬୪ତମ ପୋଲିସ ଶହୀଦ ଦିବସ ଶନିବାର ପାଳିତ ହୋଇଯାଇଛି। ଏସ୍‌ପି କନୱର ବିଶାଲ ସିଂ ଏଥିରେ ଯୋଗଦାନ କରି ଶହୀଦସ୍ତମ୍ଭରେ ମାଲ୍ୟାର୍ପଣ କରି ଶହୀଦମାନଙ୍କ ସାହସିକତା ଉପରେ ଉଦ୍‌ବୋଧନ ଦେଇଥିଲେ। ପୋଲିସ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ସହ ସେମାନଙ୍କର ଆସ୍ଥା ଭାଜନ ହୋଇପାରିଲେ ତାହା ଶହୀଦଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ସେହିପରି ପୋଲିସ କର୍ମଚାରୀମାନେ ସର୍ବଦା କର୍ତ୍ତବ୍ୟ ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସିଂହ ତାଙ୍କ ବକ୍ତବ୍ୟରେ କହିଥିଲେ। ଶହୀଦ ଦିବସ ଅବସରରେ ଅତିରିକ୍ତ ଏସ୍‌ପି, ସିଟି ଡିଏସି, ଏସ୍‌ଡିପିଓ, ସମସ୍ତ ଥାନାର ଅଧିକାରୀଙ୍କ ସହ ବହୁ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଯୋଗଦେଇଥିଲେ।

### ମହାପ୍ରଭୁଙ୍କୁ ଦର୍ଶନକଲେ ଉତ୍ତରପ୍ରଦେଶ ଉପ ମୁଖ୍ୟମନ୍ତ୍ରୀ

**ପୁରୀ, ୨୧।୧୦(ଅଜିତ୍ ମହାନ୍ତି)**

ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଶନିବାର ପୁରୀ ଗସ୍ତରେ ଆସି ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବା ପରେ ତାଙ୍କୁ ସେବାୟତଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ପରେ ସେ ବାଇଶି ପାହାଚ ଦେଇ ଶ୍ରୀମନ୍ଦିର ପରିସରକୁ ଯିବା ସହ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ଭିତରବେଢାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରିଥିଲେ। ମହାପ୍ରଭୁଙ୍କୁ ଦର୍ଶନ ସମୟରେ ଭାଜପା ନେତା ତଥା ସେବାୟତ ମଧୁସୂଦନ ସିଂହାରୀ ତାଙ୍କ ସହ ଉପସ୍ଥିତ ଥିଲେ। ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ତାଙ୍କ ପତିକ୍ରିୟାରେ କହିଛନ୍ତି, ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କଲେ କୋଟି ପୁଣ୍ୟ ମିଳେ। ମହାପ୍ରଭୁଙ୍କ ଦର୍ଶନ କରି ସେ ଖୁସିବ୍ୟକ୍ତ କରିଛନ୍ତି।

## ଅସ୍ତରଙ୍ଗ ଦେବୀ ନଦୀ ନିକଟରୁ ମୃତ ଡଲ୍‌ଫିନ ଉଦ୍ଧାର



**ଅସ୍ତରଙ୍ଗ,୨୧।୧୦(ପ୍ରଦୀପ୍ତ ଦୀକ୍ଷିତ୍)**

ଅସ୍ତରଙ୍ଗ ବ୍ଲକ ନୂଆଗଡ଼ ଜେଠି ରାସ୍ତା ପାର୍ଶ୍ୱବର୍ତ୍ତୀ ଦେବୀ ନଦୀ ନିକଟରୁ ଏକ ଡଲଫିନର ମୃତଦେହ ମିଳିଛି। ଡଲଫିନଟି ସିଟାସିଆନ ପ୍ରଜାତିର ବୋଲି ଜଣାପଡ଼ିଛି। ଡଲ୍‌ଫିନର ଲମ୍ବ ୬ ଫୁଟ ୭ ଇଞ୍ଚ ହୋଇଥିବାବେଳେ ଓଜନ ୧ କୁଇଣ୍ଟାଲ ହେବ ବୋଲି ଅନୁମାନ କରାଯାଉଛି। ସ୍ଥାନୀୟ ଲୋକେ ମୃତ ଡଲ୍‌ଫିନକୁ ଦେଖି ବନବିଭାଗକୁ ଖବର ଦେଇଥିବାବେଳେ ସନ୍ଧ୍ୟା ସୁଦ୍ଧା ବିଭାଗ ସେଠାରେ ପହଞ୍ଚି ତଦନ୍ତ ଚଳାଇଛି। ସମୁଦ୍ର ଭିତରେ ଟ୍ରଲର ମାଡ଼ରେ ଡଲଫିନର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଏପରି ଘଟଣାରେ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବେଆଇନ ଟ୍ରଲର ଉପରେ ପୋଲିସ, ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ରହିଛି ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଭବିଷ୍ୟତରେ ଏପରି ନିରୀହ ଜୀବନ ଯିବା ପୂର୍ବରୁ ବନବିଭାଗ ଉଚିତ ପଦକ୍ଷେପ ଗ୍ରହଣ କରୁ ବୋଲି ସାଧାରଣରେ ଦାବି ହୋଇଛି।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

**ପୁରୀ, ୨୧।୧୦(ଅଜିତ୍ ମହାନ୍ତି):**

ଧାର୍ମିକ ସହର ପୁରୀରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଶନିବର ବ୍ରାଉନସୁଗାର କାରବାର ଅଭିଯୋଗରେ ସଦରଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରଛନ୍ତି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସଦରଥାନା ଅନ୍ତର୍ଗତ ସାକିନି କେରା ଗ୍ରାମର ତପନ ସ୍ୱାଇଁ (୨୬) । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୬ଗ୍ରାମ୍ ଓଜନର ବ୍ରାଉନସୁଗାର ଜବତ କରିଛି। ଏନେଇ ପୋଲିସ କେସ୍ ନଂ ୨୬୧ / ୨୩ରେ ଏକ ମାମଲା ରୁଜୁ କରିଛି। ସଦରଥାନା ଅନ୍ତର୍ଗତ ଆଳିକିଆଠାରେ ଅଭିଯୁକ୍ତଜଣଙ୍କ ବ୍ରାଉନ ସୁଗାର କାରବାର କରୁଥିବା ଖବର ପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତକୁ ଗିରଫ କରିବାକୁ ସକ୍ଷମ ହୋଇଛି।

## ମହାସପ୍ତମୀରେ ମା'ଙ୍କ ଚକ୍ଷୁଦାନ


ଅସ୍ତରଙ୍ଗର ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ।

**ଅସ୍ତରଙ୍ଗ,୨୧।୧୦(ପ୍ରଦୀପ୍ତ ଦୀକ୍ଷିତ)**

ଆଶ୍ୱିନ ଶୁକ୍ଳପକ୍ଷ ମହାସପ୍ତମୀ ଅବସରରେ ଶନିବାର ପୂଜା ମଣ୍ଡପରେ ମୃଣ୍ମୟୀ ଦେବୀଙ୍କ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ଘଟ ସ୍ଥାପନ ସହ ନବପତ୍ରିକା ପ୍ରବେଶ, ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା କରାଯାଇଛି। ଶୁକ୍ରବାର ମହାଷଷ୍ଠୀରେ ବେଲବୃକ୍ଷ ନିକଟରୁ ଆଜ୍ଞାମାଳ ଆଣି ମା'ଙ୍କ ମଣ୍ଡପକୁ ଆମନ୍ତ୍ରଣ କରାଯାଇ କଳ୍ପାରମ୍ଭ, ଅଧିବାସ ସମ୍ପନ୍ନ ହୋଇଛି। ପରିବେଶ ଘଣ୍ଟ ଘଣ୍ଟା ଶଙ୍ଖ ହୁଳହୁଳିରେ ପ୍ରକମ୍ପିତ ହେଉଛି। ଏଥିସହ 'ଦିନାନ୍ତ ଆସର' ତୋରଣ ଦେଖିବାକୁ ଅସ୍ତରଙ୍ଗ ଆଖପାଖ ଅଞ୍ଚଳର ଅନେକ ଦର୍ଶକ ଭିଡ଼ ଜମାଉଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୂଜାରେ କର୍ତ୍ତା ଭାବେ ପବିତ୍ର ମହାନ୍ତି ବସିଥିବାବେଳେ ପୂଜକ ରାମଚନ୍ଦ୍ର ମିଶ୍ର, ମଙ୍ଗରାଜ କର, ଆଶୁତୋଷ ମିଶ୍ର, ବିଶ୍ୱଜିତ୍ ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି।

## ଶିକ୍ଷା ବିଭାଗକୁ ତଥ୍ୟ ପ୍ରଦାନ ପ୍ରଶିକ୍ଷଣ ଶିବିର

**ଡେଲାଙ୍ଗ,୨୧।୧୦(ରଶ୍ମିରଞ୍ଜନ ପ୍ରଧାନ)**

ଶିକ୍ଷା ବିଭାଗକୁ ବିଦ୍ୟାଳୟଗୁଡ଼ିକର ତଥ୍ୟ ଅନଲାଇନ୍ ମାଧ୍ୟମରେ ପ୍ରେରଣ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନେଇ ଏହି ପ୍ରଶିକ୍ଷଣ ଶିବିର ଡେଲାଙ୍ଗ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ବିନୋଦ ପାରମାଣିକ ଓ ଏବିଇଓ ଲକ୍ଷ୍ମଣ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସମ୍ପୂର୍ଣ୍ଣ ଠିକ୍ ବିବରଣୀ ଶିକ୍ଷା ବିଭାଗକୁ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଏମ୍‌ଆଇଏସ୍ ଯୋଜନା ସଂଯୋଜିକା ପ୍ରତିମା ଧଳ ପ୍ରଶିକ୍ଷିକା ଭାବେ ଯୋଗଦେଇଥିଲେ। କ୍ରମାନ୍ୱୟରେ ୨୦୨୨-୨୩ ଶିକ୍ଷାବର୍ଷର ଛାତ୍ରୀଛାତ୍ରଙ୍କ ଉତ୍ତୀର୍ଣ୍ଣ, ୨୦୨୩-୨୪ରେ ନାମ ଲେଖାଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ, ଶିକ୍ଷାବର୍ଷର ବିଦ୍ୟାଳୟର ଛବି, ପାନୀୟ ଜଳଠାରୁ ଆରମ୍ଭ କରି ବିଦ୍ୟାଳୟର ବିଭିନ୍ନ ସୁବିଧା ଓ ଅସୁବିଧା, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସୂଚନା ଆଦି ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାର ଅନ୍‌ଲାଇନ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ବୈଦେହୀ ପାଣି, ସ୍ୱପ୍ନାରାଣୀ ପଟ୍ଟଯୋଶୀ, ତିଳୋତ୍ତମା ସୁନ୍ଦରାୟ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ବର୍ଗାନୁଯାୟୀ ତଥ୍ୟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସତ୍ୟଜିତ୍ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାଥମିକସ୍ତରରୁ ଉଚ୍ଚ ମାଧ୍ୟମିକସ୍ତର ପର୍ଯ୍ୟନ୍ତ ୧୮୦ ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଶିବିରରେ ଅଂଶଗ୍ରହଣ କରିଥିଲେ।

## ଓଁ ମା ଆଦିଶକ୍ତି ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା

**ପୁରୀ, ୨୧।୧୦(ଅଜିତ୍ ମହାନ୍ତି):**

ଶାରଦୀୟ ଦୁର୍ଗାପୂଜାକୁ ନେଇ ପୁରୀ ସହର ଉତ୍ସବମୁଖର ହୋଇଉଠିଛି। ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ଆରାଧନା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି। ପୁରୀ ଜିଲା ସ୍କୁଲଛକ ଦୁର୍ଗା ବଜାରର ଓଁ ମା' ଆଦିଶକ୍ତି ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ଧୁମ୍‌ଧାମରେ ଚାଲିଛି। କମିଟିର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦୋରା କହିଛନ୍ତି ଦୁର୍ଗାପୂଜା ଏଠାରେ ବେଶ୍ ଆଡମ୍ବର ସହକାରେ ପାଳନ କରାଯାଇଥାଏ। ଶନିବାର ମା'ଙ୍କ ସପ୍ତମୀ ପୂଜା ଆରମ୍ଭ ହୋଇଛି। ସପ୍ତମୀ, ଅଷ୍ଟମୀ ଓ ନବମୀରେ ଖେଚୁଡ଼ି, ମାଛ ବେସର, ଖିରି ଆଦି ସ୍ୱତନ୍ତ୍ର ପ୍ରସାଦର ବ୍ୟବସ୍ଥା ଭକ୍ତଙ୍କ ପାଇଁ ହେବ ବୋଲି ଦୋରା ସୂଚନା ଦେଇ କହିଛନ୍ତି।

## ୫୦୧ ବର୍ଷରେ ପହଞ୍ଚିଲା ମା'ଙ୍କ ପୂଜା



**ଗୋପ, ୨୧।୧୦ (ଭାରତୀ ଭୂଷଣ ଉପାଧ୍ୟାୟ):**

କାହିଁ କେଉଁ କାଳରୁ ଗୋପ ବ୍ଲକ ସ୍ଥିତ ବାୟାକୁଦା ସନ୍ନିକଟ ମଲ୍ଲିକ ସାହି ଗ୍ରାମରେ ଦୁର୍ଗାପୂଜା ହୋଇଆସୁଛି। କୁହାଯାଏ ବର୍ଦ୍ଧମାନ ପଶ୍ଚିମବଙ୍ଗର ଗଙ୍ଗା ବଲ୍ଲଭ ରାୟ ପ୍ରଥମେ ଏଠାରେ ଦୁର୍ଗାପୂଜା ଆରମ୍ଭ କରିଥିଲେ। ସେବେଠାରୁ ମା'ଙ୍କ ପୂଜା ସ୍ୱତନ୍ତ୍ର ରୀତିନୀତି ଅନୁସାରେ ଚାଲି ଆସୁଥିବାବେଳେ ଏହା ଚଳିତବର୍ଷ ୫୦୧ ବର୍ଷରେ ପହଞ୍ଚିଛି। ୨୦ରୁ ଊର୍ଦ୍ଧ୍ୱ ବଙ୍ଗାଳୀ ପରିବାର ଏଠାରେ ରହୁଥିବାବେଳେ ମା'ଙ୍କ ପୂଜା ୪ ଦିନ ଧରି ଚାଲିଥାଏ। ମା'ଙ୍କ ବିଦାୟ ବେଳେ ସିନ୍ଦୂର ଖେଳଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ ପରିବାର ସଦସ୍ୟଙ୍କ ମଧ୍ୟରେ ଏକ ଅଭୂତପୂର୍ବ ଏକତା ମନୋଭାବ ଏହି ଗ୍ରାମରେ ଦେଖିବାକୁ ମିଳେ। ରାଜ୍ୟ ଓ ରାଜ୍ୟ ବାହାରେ ପ୍ରାୟତଃ ବଙ୍ଗାଳୀ ପରିବାରର ସଦସ୍ୟ ରହୁଥିବା ବେଳେ ଦୁର୍ଗାପୂଜା ସମୟରେ ସମସ୍ତେ ଏକାଠି ହୋଇଥାନ୍ତି ବୋଲି ସୁଧୀର ବୋଷ ମଲ୍ଲିକ ସୂଚନା ଦେଇଛନ୍ତି।

## କେନାଲରେ ପାଣି ନାହିଁ, ଚିନ୍ତାରେ ଚାଷୀ

**ଡେଲାଙ୍ଗ,୨୧।୧୦(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ବ୍ଲକର ବିଭିନ୍ନ ମାଇନରେ କେନାଲ ପାଣି ନ ଆସିବାରୁ ଚାଷୀକୁଳ ଏବେ ଚିନ୍ତାରେ ଅଛି। ପାଣି ଅଭାବରୁ କେତେକ ଚାଷୀଙ୍କ ଧାନଗଛ ମରିବାକୁ ବସିଲାଣି। ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, କେନାଲ ପାଣି ଅଭାବରୁ ରେଞ୍ଚ, ବ୍ରାହ୍ମଣ ତରବୋଇ, ହୁମର, ପଞ୍ଚୁପଲ୍ଲା, ଗୁଆଳିପଡ଼ା, ମାଛପଡ଼ା ଆଦିର ଚାଷୀଙ୍କ ଧାନଜମି ଏବେ



ଶୁଖିଲା ପଡ଼ିଛି। ଏହିସବୁ ଗହୀର ବିଲକୁ ମାଛପଡ଼ା ଓ ଅରିସଲ ମାଇନରରୁ କେନାଲ ପାଣି ଦ୍ୱାରା ଜଳସେଚନ ହୋଇଥାଏ। ରାଜସ୍ୱ ବିଭାଗ ଏଥିପାଇଁ ଚାଷୀଙ୍କଠାରୁ ଜଳକର ନେଉଛି, ହେଲେ ଜଳ ଯୋଗାଇପାରୁ ନାହିଁ ବୋଲି ଅଭିଯୋଗ ହେଉଛି। ଏହାସହିତ ଯଥାଶୀଘ୍ର କେନାଲ ପାଣି ଯୋଗାଇଦେବାକୁ ଚାଷୀ ଦାବି କରିଛନ୍ତି। ଅନ୍ୟପଟେ କେନାଲ ପାଣି ଛାଡିବାରେ ବିଳମ୍ବ ହେଲେ ରାଜରାସ୍ତାକୁ ଉହ୍ଲାଇବେ ବୋଲି ଚାଷୀ ହଳଧର ପ୍ରଧାନ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଡମ୍ବରୁ ସ୍ୱାଇଁ, ରବିନାରାୟଣ ଜେନା, ଶଶିକାନ୍ତ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।



କଟକ କାଠଗଡ଼ାସାହି ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗା ।



ଛତ୍ରବଜାର ପୂଜାମଣ୍ଡପ ।



ହରିପୁର-ଦୋଳମୁଣ୍ଡାଇ ପୂଜାମଣ୍ଡପ ।



ବୁଢ଼ୀଠାକୁରାଣୀ ପୂଜାମଣ୍ଡପ ।



କଟକ କଲେଜ ଛକ ପୂଜାମଣ୍ଡପ ।



କଣ୍ଠାପଡ଼ା ସ୍କୁଲ ଛକ ପୂଜାମଣ୍ଡପ ।



ନଖରା ଗ୍ରାମର ମା' ଜାଗୁଳାଇ ଦୁର୍ଗାପୂଜା କମିଟି ପକ୍ଷରୁ ପୂଜା ପାଉଥିବା ମା' ଦୁର୍ଗା ।



ସାଲେପୁର ଲୁନାହର ପୂଜାମଣ୍ଡପ ।



ତିଗିରିଆ ବ୍ଲକ ନୂଆପାଟଣା ଚଣ୍ଡୀବଜାର ଦୁର୍ଗାପୂଜା ମଣ୍ଡପ ।



ନିଶ୍ଚିନ୍ତକୋଇଲି ବିଂଶଭୁଜା ବରଧାରୀ ପୂଜାମଣ୍ଡପ ।



ଚୌଦ୍ୱାର ବିରାଟ ବଜାର ।



ନିଶ୍ଚିନ୍ତକୋଇଲି ଦୀକ୍ଷିତପଡା ପୂଜାମଣ୍ଡପ ।




କଟକ ବିଡ଼ାନାସୀ ଦୁର୍ଗାପୂଜା ମଣ୍ଡପ ।



ଶିଖରପୁର-ଗଣ୍ଡରପୁର-ମହାନଦୀ ବିହାର ପୂଜାମଣ୍ଡପ ସମ୍ମୁଖରେ ନିର୍ମିତ ତୋରଣ ।



କଟକ ନୂଆପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ ।



ବାଦାମବାଡ଼ି-ଶଙ୍କରପୁର ପୂଜା କମିଟି ପକ୍ଷରୁ ନିର୍ମାଣ କରାଯାଇଥିବା ତୋରଣ ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସନ୍ଦିପ୍



@ ରଞ୍ଜନ



@ ଗୋପିରଞ୍ଜନ



@ ନୀର୍ବିକଳ୍ପ



@ ସମର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳାଙ୍କ ସ୍ୱାମୀଙ୍କୁ ସୁରଟରୁ ଉଠାଇ ଆଣିଲା ଜିଆର୍‌ପି

### ଧାନବାଦ ଏକ୍ସପ୍ରେସ୍ ଶୌଚାଳୟରୁ ମହିଳାଙ୍କ ମୃତଦେହ ଜବତ ଘଟଣା

ଭୁବନେଶ୍ୱର,୨୧।୧୦ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ରେଳଷ୍ଟେଶନ ନିକଟ ସତ୍ୟନଗର ମେଣ୍ଟେନାନ୍ସ ଡିପୋରେ ଛିଡା ହୋଇଥିବା ଧାନବାଦ ଏକ୍ସପ୍ରେସର ଶୌଚାଳୟରୁ ରକ୍ତାକ୍ତ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା। ସରକାରୀ ରେଲ୍‌ୱେ ଥାନା ପୋଲିସ (ଜିଆର୍‌ପି) ମୃତଦେହ ଜବତ କରି ତଦନ୍ତ ଚଳାଇଥିଲା। ତେବେ ୬ ମାସର ଲୁଚକାଳି ପରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ସୁରଟରୁ ଧରିବାରେ ସଫଳ ହୋଇଛି। ଜିଆର୍‌ପି ତାଙ୍କ ପରିଚୟ ଗୋପନ ରଖିବା ସହ ଓଡ଼ିଶା ଆଣୁଥିବା ସୂଚନା ମିଳିଛି। ମୃତା ମହିଳା ଅଭିଯୁକ୍ତଙ୍କ ଦ୍ୱିତୀୟ ସ୍ତ୍ରୀ ଥିଲେ। ସେ ନିଜେ ହତ୍ୟା କରିଛନ୍ତି ନା କାହା ଦ୍ୱାରା ଏପରି କାଣ୍ଡ ଘଟାଇଛନ୍ତି। ତାହା ଜାଣିବାକୁ ପୋଲିସ ଉଦ୍ୟମ ଚଳାଇଛି। ରବିବାର ଜିଆର୍‌ପି ଏ ସଂକ୍ରାନ୍ତରେ ସମସ୍ତ ତଥ୍ୟ ଜଣାଇବ ବୋଲି ଜଣାପଡିଛି।

ସୂଚନାନୁସାରେ, ଗତ ଏପ୍ରିଲ ୧୯ରେ ଉକ୍ତ ଟ୍ରେନଟି ଧାନବାଦରୁ ଆସି ୨୦ ତାରିଖରେ ଭୁବନେଶ୍ୱରରେ ପହଞ୍ଚିଥିଲା। ମଧ୍ୟାହ୍ନ ସମୟରେ ଟ୍ରେନ୍‌ଟିକୁ ସତ୍ୟନଗରସ୍ଥିତ କୋଚିଂ ୟାର୍ଡକୁ ନିଆଯାଇ ସଫା କରାଯାଇଥିଲା। ସଫେଇ କର୍ମଚାରୀମାନେ ଟ୍ରେନ ବଗି ସଫା କରୁଥିବାବେଳେ ଏସ୍-୫ ବଗିର ଶୌଚାଳୟରେ ମହିଳାଙ୍କ ମୃତଦେହ ପଡିଥିବା ଦେଖି ଜିଆର୍‌ପିକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମହିଳାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଜିଆରପି ପ୍ରଥମେ ଅପମୃତ୍ୟୁ ମାମଲା ରୁଜୁ କରିଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ମାମଲା ରୁଜୁ କରିଥିଲା।

# ମହାସପ୍ତମୀରୁ ବଢ଼ିଲା ଭିଡ଼




ଶନିବାର ମହାସପ୍ତମୀ ସନ୍ଧ୍ୟାରେ ରସୁଲଗଡ଼ ଦୁର୍ଗାପୂଜା ମଣ୍ଡପ ପରିସର ଓ ଜାତୀୟ ରାଜପଥରେ ଭିଡ଼। (ଫଟୋ– ବିକାଶ ନାୟକ)

ଭୁବନେଶ୍ୱର,୨୧।୧୦ (ସୂର୍ଯ୍ୟକାନ୍ତ ବେହେରା)

ଧରାବତରଣ କରିଛନ୍ତି ଜଗଜ୍ଜନନୀ ଦେବୀ ଦୁର୍ଗା। ମା'ଙ୍କ ଆଗମନରେ ଗାଁଠାରୁ ସହର ଚଳଚଞ୍ଚଳ। ରାଜଧାନୀ ଭୁବନେଶ୍ୱରରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ଶନିବାର ମହାସପ୍ତମୀରେ ମଣ୍ଡପଗୁଡିକରେ ମା'ଙ୍କୁ ଦର୍ଶନ କରିବା ପାଇଁ ଲୋକଙ୍କ ଗହଳି ଆରମ୍ଭ ହୋଇଛି। ଫଳରେ ରାଜଧାନୀର ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ଜାମ ହେବା ସହ ଲୋକେ ଘଣ୍ଟା ଘଣ୍ଟା ଧରି ଫସି ରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଶେଷକରି ଅପରାହ୍ନ ୫ଟାରୁ ଟ୍ରାଫିକ ଜାମ ଆରମ୍ଭ ହୋଇଥିଲା। ଚାରିଚକିଆ ଯାନଠାରୁ ଆରମ୍ଭ କରି ୨ ଚକିଆ ସହର ମଧ୍ୟକୁ ପ୍ରବଳ ମାତ୍ରାରେ ଆସୁଥିବାରୁ କଟକ-ପୁରୀ ରୋଡ୍, ରସୁଲଗଡରୁ ବାଣୀବିହାର, ବାଣୀବିହାରରୁ ଶହୀଦନଗର ତଥା ଜନପଥରେ ଅଧିକ ଭିଡ ଦେଖିବାକୁ ମିଳିଥିଲା। ଫଳରେ ଅଧା କି.ମି. ବାଟ ଯିବାକୁ ଏକ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ଭିଡ଼ ଯୋଗୁ ବହୁ ଶ୍ରଦ୍ଧାଳୁ ଠାକୁର ଦର୍ଶନ କରି ନ ପାରି ଫେରିଯାଇଥିବା ଜଣାପଡିଛି। ପୋଲିସ ପ୍ରଶାସନ ପକ୍ଷରୁ ପୂଜାରେ ଟ୍ରାଫିକ ସମସ୍ୟାକୁ ନେଇ ବୈଠକ ହୋଇଥିବା ସତ୍ତ୍ୱେ ଭିଡକୁ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇପଡିଛି। ତେବେ ଶନିବାର ଅପେକ୍ଷା ରବିବାର ଅଧିକ ଭିଡ ଆଶଙ୍କା ରହିଛି। ତେଣୁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରା ନ ଗଲେ ଟ୍ରାଫିକ ସମସ୍ୟା ଅଧିକ ଜଟିଳ ହେବ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି। ଭିଡକୁ ନିୟନ୍ତ୍ରଣ କରାଯିବା ସହ ବ୍ୟବସ୍ଥିତ ଢଙ୍ଗରେ ଯାନବାହନ ଚଳାଚଳ କିପରି କରାଯିବ ସେଥିପାଇଁ ବ୍ୟବସ୍ଥା କରାଯାଉଛି ଟ୍ରାଫିକ ପୋଲିସ ପକ୍ଷରୁ କୁହାଯାଇଛି।

# ଅଧ୍ୟାପକ କର୍ମଚାରୀ ସଂଘ ଆନ୍ଦୋଳନ ଜାରି ରହିବ

ଭୁବନେଶ୍ୱର,୨୧।୧୦(ଅନୁରାଧା ମହାରଣା)

ବେସରକାରୀ ଅନୁଦାନ ଓ ଅଣଅନୁଦାନ ବିଦ୍ୟାଳୟ ଅଧ୍ୟାପକ ଏବଂ କର୍ମଚାରୀମାନେ ୩ମାସରୁ ଉର୍ଦ୍ଧ୍ୱ ହେବ ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି। ଶନିବାର ସଂଘ ସଭାପତି ଡା. ଦେବବିଜୟ ମିଶ୍ରଙ୍କ ପୌରୋହିତ୍ୟରେ ଧାରଣା ସ୍ଥଳରେ ଏକ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ପାଖାପାଖି ୭୫ଜଣ ସଦସ୍ୟ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏହି ସଂସ୍କୃତ ସଂଘର ସଭାପତି କୁଶଦେବ ମଲ୍ଲିକ ଓ ଡିଇଓ ସଂଘ ସଭାପତି ପ୍ରଶାନ୍ତ କୁମାର ଦାସ ମଧ୍ୟ ଉପସ୍ଥିତ ଥିଲେ। ଏହି ଅହୋରାତ୍ର ଧାରଣାକୁ ଅନିର୍ଦ୍ଦିଷ୍ଟ କାଳ ଚାଲୁରଖିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି।

# 'ପନିର ଚିଲି ପଟାଟୋ କପ୍'

ଭୁବନେଶ୍ୱର, ୨୧।୧୦ (ବନ୍ଦନା ସେଠୀ): ନବରାତ୍ରି ଚାଲିଥିବାରୁ ଅଧିକାଂଶ ଲୋକ ସାଧା ବା ଭେଜ୍ ଖାଇବାକୁ ପସନ୍ଦ କରିଥାନ୍ତି। ତେଣୁ ଚଳିତ ସପ୍ତାହରେ 'ଖାଦ୍ୟରୁଚି'ରେ ଆଉ ଏକ ଭେଜ୍ ଆଇଟମ୍ 'ପନିର ଚିଲି ପଟାଟୋ କପ୍' ସ୍ଥାନ ପାଇଛି। ଭେଜ୍ ମଧ୍ୟରେ ପନିର ଅଧିକାଂଶ ଲୋକଙ୍କର ପସନ୍ଦ। ଆଉ ପନିରକୁ ନେଇ ନୂଆ ନୂଆ ଏକ୍ସପେରିମେଣ୍ଟ କରିବାକୁ ମଧ୍ୟ ଲୋକଙ୍କୁ ଭଲ ଲାଗିଥାଏ। କାରଣ ଏହା ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥିବାବେଳେ ପାଟିକୁ ମଧ୍ୟ ବେଶ୍ ସୁଆଦିଆ। ଏହାର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ କହିଛନ୍ତି ଫୁଡ୍ ବ୍ଲଗର ସଙ୍ଗୀତା ଦାସ।




**ଆବଶ୍ୟକ ସାମଗ୍ରୀ**

ଆଳୁ– ୨୫୦ ଗ୍ରାମ୍
କଟା ପନିର– ୧୦୦ ଗ୍ରାମ୍
କଟା କ୍ୟାପ୍‌ସିକମ୍– ୧ଟି
କଟା ପିଆଜ– ୧ଟି
କଟା କଞ୍ଚାଲଙ୍କା– ୨ଟି
ଲଙ୍କାଗୁଣ୍ଡ– ୧ ଚାମଚ
ଟମାଟୋ ସସ୍– ୨/୩ ଚାମଚ
ତେଲ– ୫/୬ ଚାମଚ
ସ୍ୱାଦ ଅନୁଯାୟୀ ଲୁଣ



ସଙ୍ଗୀତା ଦାସ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆଳୁକୁ ଅଧା ସିଝା କରି ଥଣ୍ଡା କରିଦିଅନ୍ତୁ। ଆଳୁର ଚୋପା ଛଡାଇ ମଝିରୁ ଦୁଇଖଣ୍ଡ କରି କାଟିଦିଅନ୍ତୁ। ଏବେ ଆଳୁର ମଝିରୁ ଚାମଚରେ ଆଳୁକୁ କାଢି ଦେଇ ଆଳୁକପ୍ ତିଆରି କରନ୍ତୁ। ଏହାପରେ ଗ୍ୟାସ୍‌ରେ ପାତ୍ର ବସାଇ ସେଥିରେ ଅଳ୍ପ ତେଲ ପକାଇ ଗରମ କରନ୍ତୁ। କଟା ପିଆଜ, କଟା କଞ୍ଚାଲଙ୍କା, କଟା କ୍ୟାପ୍‌ସିକମ୍ ଦେଇ ଭାଜନ୍ତୁ। ଅଳ୍ପ ଭାଜି ହୋଇଯିବା ପରେ ସେଥିରେ ଲଙ୍କାଗୁଣ୍ଡ ଓ ଲୁଣ ପକାନ୍ତୁ। ଏବେ ସେଥିରେ ପନିର ପକାଇ ପୁଣି ଭାଜନ୍ତୁ। ଶେଷରେ ସସ୍ ପକାଇ ଓହ୍ଲାଇ ଦିଅନ୍ତୁ। ପ୍ୟାନ୍‌ରେ ତେଲ ପକାଇ ଗରମ କରିବା ପରେ କଟା ହୋଇ ରହିଥିବା ଆଳୁକପ୍‌କୁ ସେଥିରେ ପକାଇ ଛାଣି ବାହାର କରି ଦିଅନ୍ତୁ। ଏବେ ସେହି ଆଳୁକପ୍‌ରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ପନିର୍ ପୁରକୁ ପୂରାଇ ଏହା ସହିତ ପିଆଜ ଓ ସସ୍ ପକାଇ ଖାଇବାକୁ ଦିଅନ୍ତୁ।

**PUBLIC NOTICE**

**Change of Registered Office Address of YOUNGSTER DRIVING SCHOOL**

This is to notify that the registered office address of our Partnership Firm named **YOUNGSTER DRIVING SCHOOL** (Registered under The IGR, Odisha, Cuttack vide Registration No.: 72020202300684 of 2023) has been changed from its old address "At- PATTAPOLE, MOCHI SAHI, P.O.- BUXI BAZAR, P.S.- CANTONMENT, DIST- CUTTACK, Pin-753001, Dist.- CUTTACK, State- ODISHA" to "**Plot No. 348, First Floor, Pension Lane, PO- Buxi Bazar, Pin- 753001, P.S.- Cantonment, Dist.- Cuttack, Odisha**" effective from **Dtd. 14th September, 2023.**

Sd./- Managing Partner
YOUNGSTER DRIVING SCHOOL




# ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତିଙ୍କ ଜୟନ୍ତୀ

### ଜଷ୍ଟିସ୍ ବୀର କିଶୋର ରାୟ ବହୁମୁଖୀ ପ୍ରତିଭା ଥିଲେ

କଟକ,୨୧।୧୦ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ବୀର କିଶୋର ରାୟଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଜଷ୍ଟିସ୍ ବୀର କିଶୋର ରାୟ ସ୍ମୃତିସଂସଦ ପକ୍ଷରୁ ହାଇକୋର୍ଟ ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ମହାନ୍ତି, ସ୍ମୃତି ସଂସଦ ଉପସଭାପତି ସନାତନ ଦାସ, ସମ୍ପାଦକ ବିଜୟ କୁମାର ରଗଡ, ଯୁଗ୍ମ ସମ୍ପାଦକ ଅଭୟ କୁମାର ଶର୍ମା, ଆଲୋକ କୁମାର ପଣ୍ଡା ଓ ଅନନ୍ୟା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବକ୍ତାମାନେ ରାୟଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ, ଜଷ୍ଟିସ ରାୟ ୧୮୯୧ ଅକ୍ଟୋବର ୨୧ରେ କଟକ ଜିଲାର ବଗଲଗଡ଼ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଆଇନ ଶିକ୍ଷା ସମାପ୍ତ ପରେ ସେ କଟକ, କୋଲକାତା ଓ ପାଟ୍‌ନାରେ ଆଇନ ପେସା କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ। ସେ ଓଡ଼ିଶାର ପ୍ରଥମ ଆଡ୍‌ଭୋକେଟ୍ ଜେନେରାଲ ହୋଇପାରିଥିଲେ। ଏଥିସହ ସେ ପାଟ୍‌ନା ହାଇକୋର୍ଟରେ ପ୍ରଥମ ଓଡ଼ିଆ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ୧୯୪୮ ଜୁଲାଇ ୨୬ରେ ଶପଥ ଗ୍ରହଣ କରିଥିଲେ।

# ରାଜ୍ୟସ୍ତରୀୟ ପୋଲିସ ଶହୀଦ ଦିବସ

କଟକ,୨୧।୧୦ (କାର୍ତ୍ତିକ ସାହୁ)

କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ୬୪ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିଜିପି ସୁନୀଲ ବଂଶଲ ଯୋଗଦେଇ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବୀର ଶହୀଦମାନଙ୍କ ପାଇଁ ରାଜ୍ୟ ପୋଲିସବାହିନୀ ପକ୍ଷରୁ ଶୋକଶସ୍ତ୍ର ପ୍ରଦର୍ଶନ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ଚଳିତବର୍ଷ ଦେଶରେ ବିଭିନ୍ନ କେନ୍ଦ୍ରୀୟ ପୋଲିସ ବଳ ଓ ରାଜ୍ୟ ପୋଲିସର ୧୮୮ ଆରକ୍ଷୀଙ୍କ ପ୍ରାଣବଳି ଏବଂ ଓଡ଼ିଶାରୁ ଶହୀଦ ହୋଇଥିବା ଜଗତ୍‌ସିଂହପୁର ଜିଲାର ସୁଶାନ୍ତ କୁମାର ମହାନ୍ତିଙ୍କ ବିଷୟରେ ଡିଜିପି ଉଲ୍ଲେଖ କରିଥିଲେ। ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ଆରକ୍ଷୀ ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ, ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱା, କ୍ରାଇମବ୍ରାଞ୍ଚର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।






ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୨ ଅକ୍ଟୋବର, ୨୦୨୩



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଦାଣ୍ଡିଆ କାର୍ନିଭାଲ୍, କ୍ରିଷ୍ଟାଲ କ୍ରାଉନ, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୬ଟା।
- କଳିଙ୍ଗ ଦର୍ବା ରାସ୍-୨୦୨୩, ଜନତା ମଇଦାନ, ସନ୍ଧ୍ୟା ୬ଟା।
- ମହମ୍ମଦ ସିକନ୍ଦର ଆଲାମଙ୍କ ୮୪ତମ ଜୟନ୍ତୀ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ଦୋକାନରୁ ଚୋରି, ଜଣେ ଗିରଫ

ଭୁବନେଶ୍ୱର,୨୧।୧୦ (ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନା ଅନ୍ତର୍ଗତ ଆଲୁଗଦି ମାର୍କେଟରେ ଥିବା ଏକ ଡ୍ରେସ୍ ଦୋକାନର କବାଟ ଭାଙ୍ଗି ଚୋରି କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଖଣ୍ଡଗିରିର ଜଗା ବେହେରା। ତାଙ୍କଠାରୁ ଦୋକାନରୁ ଚୋରି କପଡ଼ା ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୩ ସହଯୋଗୀ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଅଭିଯୁକ୍ତମାନେ ଦୋକାନର କବାଡ ଭାଙ୍ଗି ବହୁ ପ୍ୟାଣ୍ଟ, ଶାର୍ଟ, ବ୍ୟାଗ୍, ଚପଲ ଆଦି ଚୋରି କରିନେଇଥିଲେ। ଏହାପରେ ଉକ୍ତ ଜିନିଷକୁ ବିକ୍ରି କରିବା ଲାଗି ଗ୍ରାହକ ଖୋଜୁଥିବାବେଳେ ପୋଲିସ ଢୁଙ୍ଗୁଡୁମା ଅଞ୍ଚଳରେ ଚଢାଉ କରି ଧରିଥିଲା।

## ଚାଷୀ ସଚେତନତା କର୍ମଶାଳା

ବାଲିପାଟଣା,୨୧।୧୦(ଅଭିମନ୍ୟୁ ନାୟକ)

ଶିଶୁ ଅନନ୍ତ ପୀଠରେ ମାର୍ଟ ଗ୍ଲୋବାଲ ମ୍ୟାନେଜମେଣ୍ଟ ସଲ୍ୟୁଶନ ଆନୁକୂଲ୍ୟରେ ଏକ ଚାଷୀ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ଯୋଗଦେଇଥିଲେ। ଗ୍ରାମର ଚାଷୀଙ୍କ ଆର୍ଥିକ ଅବସ୍ଥା ପରିବର୍ତ୍ତନ ହେଉଛି। ଚାଷ ଜମିର ଉତ୍ପାଦନ କ୍ଷମତା ରହିଛି କିନ୍ତୁ ତାର ଠିକ୍ ଉପଯୋଗ ହେଉନାହିଁ। ତେଣୁ ଏହି ନୂତନ ଯୋଜନା ଯାହା ଷ୍ଟେଟ ବ୍ୟାଙ୍କ ଫାଉଣ୍ଡେଶନ ସହଯୋଗରେ ଆରମ୍ଭ ହୋଇଛି। ଅତିଥି ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ପ୍ରକାଶ ଯୋଗଦେଇ କହିଛନ୍ତି, ଏହି ଯୋଜନା ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଛି। ଏଥିରେ ବ୍ୟାଙ୍କ ସମ୍ପୂର୍ଣ୍ଣ ସହଯୋଗ କରିବ। ଷ୍ଟେଟ୍ ବ୍ୟାଙ୍କ ଓଡ଼ିଶା ମୁଖ୍ୟ ଉତ୍ତମ ହଜରା ଚୌଧୁରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମାର୍ଟର ଆଞ୍ଚଳିକ ମୁଖ୍ୟ ରମେଶ ଚନ୍ଦ୍ର ଜେନା ଯୋଜନାର ସବିଶେଷ ବିବରଣୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମନ ଭାଇ, ଶୈଳେଶ ଭଟ୍ଟ, ବିକାଶ ଜେନା ଓ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ପ୍ରମୁଖ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବାଲିପାଟଣା, ବାଲିଅନ୍ତା ବ୍ଲକର ୧୦ ପଞ୍ଚାୟତ ଅଧୀନ ୨୫ ଗୋଟି ଗ୍ରାମର ୫୦୦ ଚାଷୀ ପରିବାର ଅନ୍ତର୍ଭୁକ୍ତ ହୋଇ ଲାଭବାନ ହେବେ। ସେମାନଙ୍କୁ ସମସ୍ତ ବୈଷୟିକ ଜ୍ଞାନକୌଶଳ ସହିତ ରିହାତି ମୂଲ୍ୟରେ ଆବଶ୍ୟକ ଉପକରଣ ଯୋଗାଇ ଦିଆଯିବ। ଅତିଥିମାନେ ସଭାକୁ ଆସିବା ପୂର୍ବରୁ ମଧୁବନ ଛକଠାରେ ଏହାର କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। କୃଷକ ଉତ୍ପାଦନ ସଂଗଠନ କର୍ମକର୍ତ୍ତା କାଳନ୍ଦୀ ବେହେରାଙ୍କ ନେତୃତ୍ୱରେ ସହଯୋଗ କରିଥିଲେ।

# ବଡ଼ପୋଖରିଆରେ ୨୦ଟିକିଆ ହାତୀପଲ

ନିରାକାରପୁର,୨୧।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)



ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି। ଜଙ୍ଗଲରେ ହାତୀଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମିଳୁ ନ ଥିବାରୁ ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗିଥା'ନ୍ତି। ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଇଥିବା ନଜିର ରହିଛି। ଶନିବାର ସନ୍ଧ୍ୟାରେ ଭୂଷଣ୍ଡପୁର ବନଖଣ୍ଡ ଅନ୍ତର୍ଗତ ବଡ଼ପୋଖରିଆ ଅଞ୍ଚଳରେ ୨୦ଟି ହାତୀ କମାଗୁରୁ ରାସ୍ତାରେ ଥିବା ପୁରୁଣାଗଡ଼ ପୋଖରୀରେ ପାଣି ପିଇ ବଡ଼ପୋଖରିଆ ଗ୍ରାମ ଅଭିମୁଖେ ଯାଇଥିବା ଜଣାପଡ଼ିଛି। ଖବରପାଇ ବନ ବିଭାଗ ପକ୍ଷରୁ ଦୁଇଟି ପାଟ୍ରୋଲିଂ ଗାଡ଼ିରେ ଗଜସାଥୀଙ୍କ ସମେତ ୧୬ଜଣ ଷ୍ଟାଫ୍ ହାତୀପଲଙ୍କ ଗତିବିଧି ଲକ୍ଷ୍ୟକରି ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରଖିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ହାତୀପଲଙ୍କ ଗତିବିଧି ଦେଖି ୧୬ ନମ୍ବର ଜାତୀୟ ରାଜପଥରେ ଯାଉଥିବା ଲୋକେ ଭୟଭୀତ ହେବା ସହ ସ୍ଥାନୀୟ ଚାଷୀମାନେ ଫସଲ କ୍ଷତି ହେବା ନେଇ ଆଶଙ୍କା କରିଛନ୍ତି। ତେବେ ହାତୀପଲଙ୍କୁ ନିକଟ ଜଙ୍ଗଲକୁ ଘଉଡ଼ାଇବା ସହ ସେମାନଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିବା ପାଇଁ ସାଧାରଣରେ ଦାବି ହେଉଛି।



ପୁରୁଣା ଭୁବନେଶ୍ୱର ଗୁଆଝରସ୍ଥିତ ମା' ଦକ୍ଷିଣୀଚଣ୍ଡୀଙ୍କ ମହାଷ୍ଟମୀ ଶାରଦୀୟ ପୂଜା ଅବସରରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓ ଅନ୍ୟମାନେ।

## ମା' ଦକ୍ଷିଣୀଚଣ୍ଡୀ ମନ୍ଦିରରେ ମହାଷ୍ଟମୀ ପୂଜା

ଭୁବନେଶ୍ୱର, ୨୧।୧୦ (ବନ୍ଦନା ସେଠୀ)

ଦେବୀ ଦୁର୍ଗାଙ୍କ ଧରାବତରଣ ସହିତ ଶୁକ୍ରବାର ଷଷ୍ଠୀରୁ ଦୁର୍ଗାପୂଜା ଆରମ୍ଭ ହୋଇଛି। ଶନିବାର ରାଜଧାନୀର ବିଭିନ୍ନ ପୂଜା ମଣ୍ଡପରେ ସପ୍ତମୀ ଏବଂ ପୀଠରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ଏହି କ୍ରମରେ ପ୍ରତିବର୍ଷ ପରି ଏଥର ମଧ୍ୟ ପୁରୁଣା ଭୁବନେଶ୍ୱରର ଗୁଆଝରସ୍ଥିତ ମା' ଦକ୍ଷିଣୀଚଣ୍ଡି ମନ୍ଦିରରେ ମା'ଙ୍କର ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଥିଲା। ମା'ଙ୍କର ମାଜଣା ହେବା ପରେ ଗାଧୁଆ ନୀତି ସମ୍ପନ୍ନପୂର୍ବକ ନୂତନ ବସ୍ତ୍ର ପିନ୍ଧାଇ ଫୁଲରେ ସୁସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ଅସ୍ତ୍ର ପୂଜା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ବହୁମାତ୍ରାରେ ଯୋଗଦେଇ ମା'ଙ୍କର ଦର୍ଶନ ଲାଭ କରିଥିଲେ। ମା'ଙ୍କ ପାଖରେ ଭୋଗ ଲାଗି କରାଯାଇଥିଲା। ଏହାପରେ ଗୁଆଝରଠାରେ ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କ ଅଧ୍ୟକ୍ଷତାରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗ୍ରାମ କେଶରୀ ପାଇକରାୟ, ଶିବାନନ୍ଦ ରାଏ, ସନ୍ତୋଷ ମହାନ୍ତି, କଂଗ୍ରେସ ସଭାନେତ୍ରୀ ରଶ୍ମୀ ମହାପାତ୍ର, ନୀଳମଣି ମିଶ୍ର, ଗଣେଶ୍ୱର ବେହେରା, ଦୁଃଶାସନ ସ୍ୱାଇଁ, ବୃନ୍ଦାବନ ସାହୁ ପ୍ରମୁଖ ଯୋଗଦେଇଥିଲେ। ପରେ ରାତିରେ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଳୁମାନଙ୍କୁ ଅଷ୍ଟମୀ ଭୋଗ ପ୍ରଦାନ କରାଯାଇଥିଲା।

# ବକୁଳ ଫାଉଣ୍ଡେଶନ ପକ୍ଷରୁ ବୁର୍ଲାରେ ପାଠାଗାର ଉଦ୍‌ଘାଟିତ




ଗୋପବନ୍ଧୁ ପାଠାଗାରକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୨୧।୧୦ (ବନ୍ଦନା ସେଠୀ)

ବକୁଳ ଫାଉଣ୍ଡେଶନ ପକ୍ଷରୁ ବୁର୍ଲାର ଗୋପବନ୍ଧୁ ଛକଠାରେ ଶୁକ୍ରବାର ଗୋପବନ୍ଧୁ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରି କହିଲେ, ସମ୍ପ୍ରତି ପାଠକମାନେ ପୁସ୍ତକଠାରୁ ଦୂରେଇ ଯାଉଛନ୍ତି। ପୁସ୍ତକ ପଠନ ଏକ ଭଲ ଅଭ୍ୟାସ। ତେଣୁ ଏହାକୁ ଜାରିରଖିବା ଉଚିତ। ଏହି ପାଠାଗାରରେ ପିଲାଙ୍କଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ପୁସ୍ତକ ରହିଛି। ଫାଉଣ୍ଡେଶନ ରାଜ୍ୟରେ ୨୫ରୁ ଊର୍ଦ୍ଧ୍ୱ ପାଠାଗାର ଖୋଲିଥିବାବେଳେ ପଶ୍ଚିମ ଓଡ଼ିଶାର ଏହି ପାଠାଗାର ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ପାଠକଙ୍କ ପାଇଁ ଖୁବ୍ ଉପାଦେୟ ହୋଇପାରିବ ବୋଲି ତ୍ରିପାଠୀ ମତ ପ୍ରକାଶ କରିଥିଲେ। ଗୋପବନ୍ଧୁ ପାଠାଗାରରେ ବିନା ଦେୟରେ ସମସ୍ତଙ୍କ ପାଇଁ ପୁସ୍ତକ ପଠନର ସୁବିଧା ରହିଛି। ଏହା ମଙ୍ଗଳବାରଠାରୁ ରବିବାର ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ ଓ କେବଳ ସୋମବାର ଦିନ ଏହା ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି। ଏଠାରେ ପିଲାଙ୍କଠାରୁ ବୟସ୍କ ସବୁ ବର୍ଗର ଲୋକଙ୍କ ପାଇଁ ଉଭୟ ଇଂଲିଶ ଓ ଓଡ଼ିଆ ଭାଷାରେ ୧୦ହଜାରରୁ ଅଧିକ ପୁସ୍ତକ ରହିଛି। ଛୋଟପିଲାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଚିଲ୍‌ଡ୍ରେନ୍‌ସ ସେକ୍ସନ ରହିଛି। ଏଥିରେ ଅକ୍ଷର ଶିଖୁଥିବା ପିଲାଙ୍କଠାରୁ ଆରମ୍ଭ କରି ଯୁବକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ପୁସ୍ତକ ଯେପରିକି ଛବିବହି, କମିକ୍ସ, ଫାଣ୍ଟାସି, ଡିଟେକ୍ଟିଭ୍ ଫିକ୍ସନ, ଆଡ୍‌ଭେଞ୍ଚର୍, ହରର୍, ରୋମାନ୍ସ, ସାଇନ୍ସ ଫିକ୍ସନ୍ ଆଦି ପୁସ୍ତକ ଉପଲବ୍ଧ ରହିଛି। ଥ୍ରିଲରସ୍, କ୍ଲାସିକ୍, ଇଣ୍ଡିଆନ୍ ଫିକ୍ସନ, କ୍ୱିଜିଙ୍ଗ୍, ବିଜ୍ଞାନ, ୱାଇଲ୍ଡଲାଇଫ୍ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ, ଏନ୍‌ସାଇକ୍ଲୋପିଡିଆ ଭଳି ବିଭିନ୍ନ ପୁସ୍ତକ ରଖାଯାଇଛି। କେବଳ ପୁସ୍ତକ ନୁହେଁ, ପାଠାଗାରକୁ ଅତି ସୁନ୍ଦର ଭାବେ ଡିଜାଇନ୍ କରାଯାଇ ପ୍ରାକୃତିକ ରୂପ ଦିଆଯାଇଛି। ବହି ଥାକକୁ ଗଛ ଭଳି ଡିଜାଇନ୍ କରାଯାଇଥିବାବେଳେ ସମ୍ବଲପୁରୀ ଶାଢ଼ିରେ ଜଣେ ମହିଳା ବହିର ଡ଼ଙ୍ଗା ଉପରେ ବସି ଯାତ୍ରା କରୁଥିବା ଚିତ୍ର ସୃଜନଶୀଳତାର ଅନନ୍ୟ ଉଦାହରଣ ପାଲଟିଛି। ପାଠାଗାର ଉଦ୍‌ଘାଟନ ପରେ ଅଧ୍ୟକ୍ଷ ତ୍ରିପାଠୀ ଚିପିଲିମାସ୍ଥିତ କୃଷି ଓ ଉଦ୍ୟାନ କୃଷି ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସେ ଭିତ୍ତିଭୂମି ଦେଖିବା ସହ ଅଧ୍ୟାପକଙ୍କ ସହିତ କୃଷିବିଜ୍ଞାନ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ଅଧିକ ଗବେଷଣା କରିବାକୁ ପରାମର୍ଶ ଦେବାସହ କୃଷକମାନଙ୍କ ନିମନ୍ତେ ଉନ୍ନତ ଜ୍ଞାନକୌଶଳ ଉପରେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ବକୁଳ ଫାଉଣ୍ଡେଶନର ମୁଖ୍ୟ ସୁଜିତ୍ ମହାପାତ୍ର, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରତୀକ୍ଷା ଟିମ୍‌କୁ ୟୁସିସି ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସିନେ ଚାମ୍ବର ଅଫ୍ କମର୍ସ(ୟୁସିସି) ଏବଂ ସିନେ କ୍ରିଟିକ୍ ଆସାସିଏଶନ ତରଫରୁ ଶନିବାର ଚଳଚ୍ଚିତ୍ର 'ପ୍ରତୀକ୍ଷା'ର ଟିମ୍‌କୁ ସମ୍ବର୍ଦ୍ଧିତ କରାଯାଇଛି। ବୁଦ୍ଧ ମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, ଅଭିନେତା ଦୀପନ୍ୱିତ, କାହାଣୀକାର ରୋଶନ ବିଶୋଇ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିକଟରେ ନିର୍ଦ୍ଦେଶକ ପଟ୍ଟନାୟକ ୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିଛନ୍ତି। ଏ ନେଇ ତାଙ୍କୁ ୟୁସିସି ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ତାଙ୍କ ସହ ବରିଷ୍ଠ ଅଭିନେତ୍ରୀ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଡଲି ଜେନା, ଅନୁପମ ପଟ୍ଟନାୟକ ଏବଂ ପ୍ରତୀକ୍ଷା ସିନେମାର ପୁରା ଟିମ୍‌କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୟୁସିସି ସଭାପତି ଟୁଟୁ ନାୟକ, ସେକ୍ରେଟାରୀ ଏନ. ଜି. ରେଡ୍ଡି, ଉପ ସଭାପତି ରବୀନ୍ଦ୍ର ପଣ୍ଡା ଓ କୋଷାଧ୍ୟକ୍ଷ ସ୍ମିତ ପଟ୍ଟନାୟକ, ସିନେ କ୍ରିଟିକ ଆସୋସିଏଶନର ସଭାପତି ପ୍ରଦୋଷ ପଟ୍ଟନାୟକ ଓ ସେକ୍ରେଟାରି ଦୀଲିପ ହାଲି ଉପସ୍ଥିତ ଥିଲେ।

## ଚିତ୍ରକଳା ପ୍ରଦର୍ଶନୀ 'ଦେବୀ' ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ଚିତ୍ରକଳା ପ୍ରଦର୍ଶନୀ 'ଦେବୀ'କୁ ଅତିଥିମାନେ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୨୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଶାରଦୀୟ ଦୁର୍ଗାପୂଜା ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନୀଳାଦ୍ରି ବିହାରସ୍ଥିତ ବୁଦ୍ଧ ଆର୍ଟ ଗ୍ୟାଲେରୀଠାରେ ଏକ ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ 'ଦେବୀ' ଆରମ୍ଭ ହୋଇଛି।ଏହି ପ୍ରଦର୍ଶନୀକୁ ନାରୀ ଶିଳ୍ପୀ ଜ୍ୟୋତିର୍ମୟୀ ମହାନ୍ତି , ଚିତ୍ରଶିଳ୍ପୀ ବିନୋଦ ମହାରଣା, ଏକାଡେମୀ ସଭାପତି ତଥା ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଦେବୀ ଦୁର୍ଗା, ନାରୀ ଶକ୍ତି ଏବଂ ନାରୀ ମନସ୍ତତ୍ତ୍ୱକୁ ନେଇ ପ୍ରଦର୍ଶିତ ଚିତ୍ରଗୁଡିକ ଦର୍ଶକଙ୍କୁ ପ୍ରଭାବିତ କରିବା ସହିତ ସମାଜକୁ ଏକ ସୁବାର୍ତ୍ତା ଦେଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏକାଡେମୀ ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ଦେଇଥିଲେ। ଉକ୍ତ ପ୍ରଦର୍ଶନୀରେ ଏକାଡେମୀ ଦ୍ୱାରା ସଂରକ୍ଷିତ ଦେବୀ ଦୁର୍ଗା ଓ ନାରୀ ଶକ୍ତି ଉପରେ ଆଧାରିତ ବରିଷ୍ଠ ଓ ଯୁବ ଶିଳ୍ପୀଙ୍କ ୫୦ଟି ସୃଜନଶୀଳ ଚିତ୍ରକଳା ପ୍ରଦର୍ଶିତ ହୋଇଛି। ବରିଷ୍ଠ ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ମହାରଣା, ଅଶୋକ ପଟ୍ଟନାୟକ, ଜୟଶ୍ରୀ ଜେନା, ରବୀନ୍ଦ୍ର କୁମାର ମହାରଣା, ନରୋତ୍ତମ ଦାସ ପ୍ରମୁଖ ଶିଳ୍ପୀ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏହି ପ୍ରଦର୍ଶନୀ ଅକ୍ଟୋବର ୨୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶକ ପାଇଁ ଖୋଲା ରହିବ।

## ବରିଷ୍ଠ ନାଗରିକ, ଶ୍ରେଷ୍ଠ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ବରିଷ୍ଠ ନାଗରିକ ଓ ସାମାଜିକ କର୍ମୀଙ୍କ ସହ ହାଟସାହି ଦୁର୍ଗାପୂଜା କମିଟି କର୍ମକର୍ତ୍ତା।

ପୁରୁଣା ଭୁବନେଶ୍ୱର,୨୧।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ପୁରୁଣା ଭୁବନେଶ୍ୱରର ସର୍ବ ପୁରାତନ ହାଟସାହି ପୂଜାରେ ଭାଇଚାରାକୁ ନେଇ ସୌହାର୍ଦ୍ଦ୍ୟପୂର୍ଣ୍ଣ ପ୍ରତିଯୋଗିତାରେ ଦଶହରା ପର୍ବ ପାଳିତ ହେଉଛି। ଲିଙ୍ଗରାଜ ମନ୍ଦିର ହାଟସାହି ଦୁର୍ଗାପୂଜା ମଣ୍ଡପଠାରେ ଏନେଇ କମିଟି ପକ୍ଷରୁ ଆୟୋଜକ ସଦସ୍ୟଙ୍କ ମଧ୍ୟରେ ଉତ୍ସାହ ଉଦ୍ଦିପନା ଜାଗ୍ରତ କରିବା ଲାଗି ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ପୂଜାରେ ସହଯୋଗ କରିଥିବା ବରିଷ୍ଠ ନାଗରିକ, ସଦସ୍ୟ ଏବଂ ଶ୍ରେଷ୍ଠ ସାମାଜିକ କର୍ମୀଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ତ୍ରିନାଥ ସିଂ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ସମର୍ଥା, ଉପେନ୍ଦ୍ର ଦାସ, ଗୌର ପ୍ରସାଦ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ପ୍ରସନ୍ନ ରଥ, ବିଜେନ୍ଦ୍ର ମହାପାତ୍ର, ବିକାଶ ସାହୁ, ସୁନନ୍ଦ ସାହୁ, ରାକେଶ ମହାପାତ୍ର ପ୍ରମୁଖ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ। ଚଳିତବର୍ଷ ମା'ଙ୍କ ୧୭ଫୁଟ ଉଚ୍ଚତାର ମୃଣ୍ମୟୀ ମୂର୍ତ୍ତିରେ ରୁପା ମୁକୁଟ ଓ ଅନ୍ୟାନ୍ୟ ଅଳଙ୍କାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଭସାଣ ଉତ୍ସବରେ କଳାହାଣ୍ଡିର କଟପା ଏବଂ ସମ୍ବଲପୁରର କଳସୀ, ସାଲେପୁରର ବ୍ୟାଣ୍ଡପାର୍ଟି, ମହାରାଷ୍ଟ୍ର ପୁଣେର ଢୋଲ ଶୋଭାଯାତ୍ରାରେ ପରିବେଷଣ କରାଯିବାକୁ ସ୍ଥିର ହୋଇଥିବା କମିଟି ସମ୍ପାଦକ ରାଜେନ୍ଦ୍ର ସମର୍ଥା ସୂଚନା ଦେଇଛନ୍ତି।

# ତଦନ୍ତ କରିବାକୁ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ

## ରମାଦେବୀ ଛାତ୍ରୀଙ୍କୁ ରାଗିଂ ଅଭିଯୋଗ

ଭୁବନେଶ୍ୱର, ୨୧।୧୦(ଅସମାପିକା ସାହୁ)

ରମାଦେବୀ ଜୁନିୟର କଲେଜ (ଉଚ୍ଚ ମାଧ୍ୟମିକ ସ୍କୁଲ୍)ରେ ରାଗିଂ ଅଭିଯୋଗ ଆସିଛି। ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀ ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗଣଶିକ୍ଷା ବିଭାଗକୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଗଣଶିକ୍ଷା ବିଭାଗ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛି।

ଅଭିଯୋଗ ଆଣିଥିବା ଛାତ୍ରୀଙ୍କ ଘର ମୟୂରଭଞ୍ଜ ଜିଲାରେ। ତାଙ୍କ ଅଭିଯୋଗ ହେଲା, ସେ ରହୁଥିବା କଲେଜ ହଷ୍ଟେଲର ୧ ନମ୍ବର ରୁମ୍‌ରେ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି। ଏକ ଘରିକିଆ କରି ପୋଷାକପତ୍ର, ଜୋତା ଅଲଗା ରଖିବାକୁ କୁହାଯାଉଛି। ସେ ଓଡ଼ିଆ ମିଡିୟମ ଛାତ୍ରୀ ହୋଇଥିବାବେଳେ ତାଙ୍କ ରୁମମେଟ୍‌ମାନେ ଇଂଲିଶ ମିଡିୟମର ହୋଇଥିବାରୁ ଏପରି ପାତରଅନ୍ତର କରୁଛନ୍ତି। ଜାତିଆଣ ମନ୍ତବ୍ୟ, ଅଶ୍ଳୀଳ ଭିଡିଓ ଦେଖାଇବା, ରାତିରେ ଶର୍ଟସ୍ ପିନ୍ଧିବାକୁ ବାଧ କରୁଥିବା ଛାତ୍ରୀଜଣକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେ ପ୍ରଥମେ ତାଙ୍କ ମା' ଓ ବାପାଙ୍କୁ ଏବଂ ପରେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏପରିକି କଲେଜ ଆଣ୍ଟି ରାଗିଂ ସେଲ୍‌ରେ ମଧ୍ୟ ଏହି ଅଭିଯୋଗ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଛାତ୍ରୀ ଜଣକ ଗଣଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ଏହାପରେ ବିଭାଗ ଏହାର ତଦନ୍ତ କରି ରିପୋର୍ଟ ଦେବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ କଲେଜ ଅଧ୍ୟକ୍ଷା ସରୋଜ ଲକ୍ଷ୍ମୀ ସିଂ କହିଛନ୍ତି, ସେ ଝିଅ ହଷ୍ଟେଲ ଆସିବାର ମାତ୍ର ୧୦ଦିନରେ ଏଭଳି ଅଭିଯୋଗ ଆଣିଥିଲେ। ସେ ରୁମ୍‌ରେ ସିନିୟର ପିଲା ରହୁନାହାନ୍ତି। ତାଙ୍କ ବ୍ୟାଚ୍‌ର ଛାତ୍ରୀ ରହୁଛନ୍ତି। ପୂର୍ବରୁ ସେମାନଙ୍କ ସହିତ ମିଶିକି ଭଲରେ ରହୁଥିଲେ, ମିଳିମିଶି ମାର୍କେଟ ମଧ୍ୟ ଯାଉଥିଲେ। କିନ୍ତୁ ଏବେ ସେ ଯେଉଁ ଅଭିଯୋଗ ଆଣିଛି ସେଥିରେ କୌଣସି ସତ୍ୟସତ୍ୟ ନାହିଁ। ଗତ ୧୪ ତାରିଖ ରାତି ୧୦ଟା ପରେ ସେ ତାଙ୍କ ଅଭିଭାବକଙ୍କ ସହିତ ଆସି ମୋତେ ଅଭିଯୋଗପତ୍ର ଦେଇଥିଲେ ଏବଂ ମୁଁ ଗ୍ରହଣ କରିଥିଲି। କେବଳ ରୁମ୍ ବାହାରେ ମୁଣ୍ଡ କୁଣ୍ଡାଇବା ପାଇଁ ରୁମ୍‌ମେଟ୍‌ମାନେ ତାଙ୍କୁ କହିଥିବା ଜଣାପଡିଥିଲା। ତାଙ୍କୁ ଅନ୍ୟ ରୁମ୍‌ରେ ରହିବା ପାଇଁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ ଏଠାରେ ପଢ଼ିବ ନାହିଁ ବୋଲି କହୁଥିବା ଅଧ୍ୟକ୍ଷା ସିଂ କହିଛନ୍ତି।



ବାଲିଅନ୍ତା ବଜାରରେ ପୂଜା ପାଉଥିବା ମା' ଦୁର୍ଗା।



ପୁରୁଣା ଭୁବନେଶ୍ୱରରେ ବ୍ରାହ୍ମଣ ନିଯୋଗ ପକ୍ଷରୁ ଅନୁଷ୍ଠିତ ଦୁର୍ଗା ପୂଜା।



ପୁରୁଣା ଭୁବନେଶ୍ୱରର ଗୋସାଗରେଶ୍ୱର କୁଞ୍ଜପାଟଣା ସାହି।

## ଲକର ଭାଙ୍ଗି ଟଙ୍କା, ସୁନା ଅଳଙ୍କାର ଚୋରି

ନିଶ୍ଚିନ୍ତକୋଇଲି, (ଅଶୋକ ମହାପାତ୍ର):ନିଶ୍ଚିନ୍ତକୋଇଲି ଥାନା ବାଲିଆପଦା ଗ୍ରାମର ବିଶ୍ୱନାଥ ନନ୍ଦଙ୍କ ଘରୁ ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଛି। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିଶ୍ୱନାଥ ଓ ତାଙ୍କ ପୁତ୍ର ଦେବୀ ପ୍ରସାଦ ଗତ ୧୫ ତାରିଖରେ ଭୁବନେଶ୍ୱର ଯାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେମାନେ ଘରକୁ ଫେରିଥିଲେ। ଏହି ସମୟରେ ଘରର କବାଟ ଭଙ୍ଗାଯାଇଥିବା ସେମାନେ ଦେଖିଥିଲେ। ଘରେ କେହି ନ ଥିବାର ସୁଯୋଗ ପାଇ ଦୁର୍ବୃତ୍ତମାନେ ଘରେ ପଶି ଆଲମିରା ଭାଙ୍ଗିବା ସହ ୨ ହଳ ମଙ୍ଗଳସୂତ୍ର, ୭ ହଳ କାନଫୁଲ, ୨ ହଳ ନାକଫୁଲ,୨ଟି ଚେନ୍ ଏହିପରି ବିଭିନ୍ନ ସୁନା ଅଳଙ୍କାର ସହ ୨୦ ରୁପା ମୁଦ୍ରା ଓ ୫୦୦ ଗ୍ରାମର ରୁପା ଅଳଙ୍କାର ସମେତ ନଗଦ ୧୫ଶହ ଟଙ୍କା ନେଇଯାଇଛନ୍ତି।









ଷୋଳପୂଜା ଅବସରରେ
ମା' କଟକଚଣ୍ଡୀଙ୍କ ମହାକାଳୀ ବେଶ।
ମା'ଗଡ଼ଚଣ୍ଡୀଙ୍କ ମହାସରସ୍ୱତୀ ବେଶ।
ମା' ଝାଞ୍ଜିରୀମଙ୍ଗଳାଙ୍କ ମହାକାଳୀ ବେଶ।
ମା' ବାସନ୍ତୀ ଦୁର୍ଗାଙ୍କ ମହିଷାମର୍ଦ୍ଦିନୀ ବେଶ।
ପିଠାପୁରସ୍ଥିତ ମା' ଧାକୁଲେଇଙ୍କ ମହାଲକ୍ଷ୍ମୀ ବେଶ।
ନୂଆପାଟଣା କଳାପାଟ ଠାକୁରାଣୀଙ୍କ ମହାକାଳୀ ବେଶ।
ମା' ଚର୍ଚ୍ଚିକାଙ୍କ ମହିଷାମର୍ଦ୍ଦିନୀ ବେଶ।

# ସଂକ୍ଷେପରେ

## ଆକର୍ଷଣ ପାଲଟିଛି ନୃସିଂହଙ୍କ ରୁପା ମୁକୁଟ



ସାଲେପୁର, ୨୧।୧୦ (ଅରବିନ୍ଦ ଭୂୟାଁ): ସାଲେପୁର ସହରରେ ଏଥର ମୁଖ୍ୟ ଆକର୍ଷଣ ପ୍ରଭୁ ନୃସିଂହ ଦେବଙ୍କ ମୃଣ୍ମୟ ମୂର୍ତ୍ତି ପାଲଟିଛି। ଚଳିତ ବର୍ଷ ସାଲେପୁର ସେଣ୍ଟ୍ରାଲ ମାର୍କେଟ କମିଟି ପକ୍ଷରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଠାକୁରଙ୍କ ପାଇଁ ରୁପା ମୁକୁଟ ତିଆରି ହୋଇଛି।

## ଯାତ୍ରୀଙ୍କ ଜୀବନ ବଞ୍ଚାଇଲେ ଆର୍‌ପିଏଫ୍

କଟକ,୨୧।୧୦ (କାର୍ତ୍ତିକ ସାହୁ)

କଟକ ରେଳଷ୍ଟେଶନରେ ଜଣେ ମହିଳା ଯାତ୍ରୀଙ୍କ ଜୀବନ ବଞ୍ଚାଇଛନ୍ତି ଆର୍‌ପିଏଫ୍ କନ୍‌ଷ୍ଟେବଲ୍ ୱାଜିଦ୍ ଅଲି। ଉଦ୍ଧାର ଯାତ୍ରୀ ଜଣକ ହେଲେ ଭଦ୍ରକ ଅଞ୍ଚଳର ପ୍ରତିମା ନାୟକ(୫୨)। ସୂଚନା ଅନୁସାରେ, ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱର–ବାଙ୍ଗିରିପୋଷି ଏକ୍ସପ୍ରେସ୍ ଟ୍ରେନ୍ କଟକ ରେଳଷ୍ଟେଶନର ୧ ନଂ. ପ୍ଲାଟ୍‌ଫର୍ମରେ ପହଞ୍ଚି ନିର୍ଦ୍ଧାରିତ ସମୟ ପରେ ଛାଡ଼ିବାକୁ ଆରମ୍ଭ କରିଥାଏ। ଏହି ସମୟରେ ଅନ୍ୟ ଯାତ୍ରୀଙ୍କ ସହ ପ୍ରତିମା ଟ୍ରେନ୍‌କୁ ଚଢ଼ିବାକୁ ଚେଷ୍ଟା କରୁଥାନ୍ତି। ହେଲେ ତାଙ୍କ ଗୋଡ଼ ଖସିଯିବାରୁ ପ୍ଲାଟ୍‌ଫର୍ମ ଓ ଟ୍ରେନ୍ ମଝି ଫାଙ୍କରେ ସେ ତଳକୁ ଖସିପଡ଼ିବାକୁ ଆରମ୍ଭ କଲେ। ଏତିକିବେଳେ ଉପସ୍ଥିତି ବୁଦ୍ଧି ଖଟାଇ ଆର୍‌ପିଏଫ୍ କନ୍‌ଷ୍ଟେବଲ ଅଲି ମହିଳାଙ୍କୁ ଭିଡ଼ି ପ୍ଲାଟ୍‌ଫର୍ମ ଉପରକୁ ଆଣିବାରେ ସକ୍ଷମ ହୋଇଥିଲେ। ଅଲିଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରାଯାଇଛି।



## ବ୍ୟବସାୟୀଙ୍କ ପରଲୋକରେ ଶୋକ

ନିଶ୍ଚିନ୍ତକୋଇଲି,୨୧।୧୦ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ବଜାରର ଜଣାଶୁଣା ବ୍ୟବସାୟୀ ବାବାଜୀ ଚରଣ ସାହୁ(୬୨)ଙ୍କ ଶନିବାର ବିଳମ୍ବିତ ରାତିରେ କଟକ ବଡ ଡାକ୍ତରଖାନାରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ମୃତଦେହକୁ ଅଣସରପୁରକୁ ଅଣାଯାଇ ଏକ ଶୋଭାଯାତ୍ରାରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ସେଠାରେ ପୁଅ ରଘୁନାଥ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ବିଧାୟକ ପ୍ରତାପ ଜେନା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଅସୁରେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ପଦ୍ମାଳୟା ସାମନ୍ତରାୟ, ମହେଶ୍ୱର ବାରିକ, ବଜାର ବ୍ୟବସାୟୀ ସଂଘ ସଭାପତି ରଘୁନାଥ ନାୟକ, ରାଜକିଶୋର ସିଂ, କଂଗ୍ରେସ ଯୁବନେତା ଅକ୍ଷୟ କୁମାର ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଆମ୍ବୁଲାନ୍ସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା

- ଡାକ୍ତର ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟଙ୍କ ଉନ୍ମତ୍ତକାଣ୍ଡ
- ଥାନାରେ ଅଭିଯୋଗ

ନରସିଂହପୁର,୨୧।୧୦ (ନିରଞ୍ଜନ ଦେଇକୁମାର):

କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରାତିରେ ରୋଗୀ ସମ୍ପର୍କୀୟମାନେ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ଡାକ୍ତର ନ ଥିବାରୁ ସେମାନେ ଉତ୍ତ୍ୟକ୍ତ ହୋଇ ଆମ୍ବୁଲାନ୍ସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି।

ଡାକ୍ତର ପ୍ରୀତିଶ ବାଘଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୨ ଟା ୪୦ ବେଳେ ପ୍ରାୟ ୮ ଜଣ ବ୍ୟକ୍ତି ଜଣେ ଗୁରୁତରଙ୍କୁ ନେଇ ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ।






ଆମ୍ବୁଲାନ୍ସର କାଚ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କବାଟ ଝରକା ଭାଙ୍ଗି ଦିଆଯାଇଛି।

ସେତେବେଳେ ଦାୟିତ୍ୱରେ ଥିବା ପ୍ରୀତିଶ ନିଜ ଘରେ ଥିଲେ। ଏନେଇ ରୋଗୀଙ୍କ ସହ ଆସିଥିବା ଲୋକେ ଉତ୍ତ୍ୟକ୍ତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିରାମୟ ଗୃହର କାଚ ଓ ବିଭିନ୍ନ ଘରର କବାଟ ଓ ନିକଟରେ ଥିବା ୧୦୮ ଆମ୍ବୁଲାନ୍ସ କାଚକୁ ବାଡ଼େଇ ଭାଙ୍ଗି ଦେଇଥିଲେ। ରାତ୍ରି ଜଗୁଆଳି, ସିକ୍ୟୁରିଟି ଗାର୍ଡ ଓ ଅନ୍ୟ କର୍ମଚାରୀମାନେ ଏପରି ନ କରିବାକୁ ବାରଣ କରିଥିଲେ। ମାତ୍ର ସେମାନେ କିଛି ଶୁଣି ନ ଥିଲେ। ଖବରପାଇ ଡାକ୍ତର ପ୍ରୀତିଶ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ଅଟକାଇବାରୁ ସେମାନେ ତାଙ୍କୁ ଗାଳି କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହାସତ୍ତ୍ୱେ ସେ ରୋଗୀ ପରୀକ୍ଷା କରିବା ସହ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ଡାକ୍ତରଖାନା ପଠାଇଥିବା କହିଛନ୍ତି। ଏନେଇ ଶନିବାର ପ୍ରୀତିଶ କାନପୁର ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୧୩୩/୨୩) ରୁଜୁ କରାଯାଇଛି। ଅଭିଯୁକ୍ତମାନେ ନିକଟ ସୋଲବନ୍ଧ ଓ କାଞ୍ଚିଆପଡା ଗ୍ରାମର ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ତେବେ ସେମାନଙ୍କ ନାମ ଓ ଠିକଣା ଅଭିଯୋଗପତ୍ରରେ ନ ଥିବାରୁ ଧରିବାରେ ବିଳମ୍ବ ହେଉଛି ବୋଲି କାନପୁର ଥାନା ଅଧିକାରୀ ଗିରିଜା ନନ୍ଦନ ପଟ୍ଟନାୟକ ସୂଚନା ଦେଇଛନ୍ତି।



ନବରାତ୍ରଅବସରରେକଟକଦେୱାନବଜାରସ୍ଥିତବାଲାଜୀମନ୍ଦିରରେଶନିବାରତେଲୁଗୁସମ୍ପ୍ରଦାୟରପିଲାମାନେସାମୂହିକସରସ୍ୱତୀପୂଜାକରୁଛନ୍ତି।

## ୫ ବଖରା ଜଳିଗଲା

ତିଗିରିଆ,୨୧।୧୦(ଜାଫର ଖାଁ)

ତିଗିରିଆ ତହସିଲ ଅନ୍ତର୍ଗତ ମାନପୁର ଗ୍ରାମରେ ଶୁକ୍ରବାର ରାତିରେ ନିଆଁ ଲାଗି ୫ ବଖରା ଜଳିଯାଇଛି। ଏଥିରେ ବଳଭଦ୍ର ଶତପଥୀ, ଜଗବନ୍ଧୁ ଶତପଥୀ, ଗିରିଶ ଶତପଥୀ ଓ ହେମନ୍ତ କୁମାର ଶତପଥୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ଘରର ସମସ୍ତ ଆସବାବପତ୍ର ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଜଣାପଡ଼ିଛି। ପରେ ଏହାକୁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଖବରପାଇ ବଡ଼ମ୍ବା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ପରେ ତହସିଲଦାର ଅକ୍ଷୟ କୁମାର ପରିଡା, ଗଦାଧରପୁର ରାଜସ୍ୱ ନିରୀକ୍ଷକ ତାପସ କୁମାର ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରଙ୍କୁ ପଲିଥିନ ପ୍ରଦାନ କରିଛନ୍ତି। ତିଗିରିଆ ନିର୍ବାଚନ ମଣ୍ଡଳୀର ଯୁବସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ଏମ୍‌ପିଙ୍କ ପ୍ରତିନିଧି ରୁପା ଦଳେଇ ଓ ସରପଞ୍ଚ ପୁଷ୍ପିତା ସ୍ୱାଇଁ ସେଠାରେ ପହଞ୍ଚି ବିପନ୍ନ ପରିବାରଙ୍କୁ ସମବେଦନ ଜଣାଇବା ସହ ପରିବାର ପିଛା ୫ ହଜାର ଟଙ୍କା, ଖାଦ୍ୟ, ପୋଷାକ, କମ୍ବଳ ପ୍ରଦାନ କରିଛନ୍ତି ।

## ଜନସୁଧାର ରଜତ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ

କଟକ,୨୧।୧୦(ଶିଳ୍ପା ପ୍ରିୟଦର୍ଶନୀ)

ବିଜୟିନୀ ପବ୍ଲିକେଶନ୍ସ ଓ ଜନସୁଧା ସାହିତ୍ୟପତ୍ରର ରଜତ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ବରେଣ୍ୟ ଅତିଥି ଭାବେ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, କବି ସନତ୍ ଦାସ ପଟ୍ଟନାୟକ, ଅନୁଷ୍ଠାନର ଉପଦେଷ୍ଟା ପ୍ରଫେସର ବୈଷ୍ଣବ ଚରଣ ସାମଲ, ନନ୍ଦ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ବୈଷ୍ଣବ ଚରଣ ସାମଲ, ଏମ୍‌ପି ଭର୍ତ୍ତୃହରି ମହତାବ, ଡ. ପ୍ରକାଶ କୁମାର ପରିଡ଼ା, ଡ. ଭୁବନାନନ୍ଦ ସାହୁ, ଇଂ. ନନ୍ଦ ମହାନ୍ତି, ସ୍ୱରାଜଲକ୍ଷ୍ମୀ ମିଶ୍ର, ବିନୟ ଭୂଷଣ ମିଶ୍ରଙ୍କ ପୁସ୍ତକ ଲୋକାର୍ପିତ ହୋଇଥିଲା। ଇଂ. ସୁରେଶ ଚନ୍ଦ୍ର ବେହେରା ଜଗନ୍ନାଥାଷ୍ଟକମ ପାଠ କରିଥିବାବେଳେ ଇଂ. ଦୋଳଗୋବିନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।ସେହିପରି ପ୍ରଫେସର ନଟବର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଡ. ସୁଲୋଚନା ଦାସ, ଦିଲୀପ ସ୍ୱାଇଁ, ବାବାଜୀ ଚରଣ ପଟ୍ଟନାୟକ, ବଭ୍ରୁବାହନ ମହାପାତ୍ର ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୦ପୁସ୍ତକ ଉନ୍ମୋଚିତ ହୋଇଥିଲା।

## 'ଅତି ଆପଣାର ଟିକିପିଲାଟି' ଉନ୍ମୋଚିତ

କଟକ,୨୧।୧୦ (କାର୍ତ୍ତିକ ସାହୁ)

ଶିଶୁ–କିଶୋର ସାହିତ୍ୟ ପତ୍ରିକା 'ଅତି ଆପଣାର ଟିକିପିଲାଟି'ର ପୂଜା ବିଶେଷାଙ୍କ କଟକ ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଉନ୍ମୋଚିତ ହୋଇଯାଇଛି। ଏଥିସହ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ଗବେଷଣା ଗ୍ରନ୍ଥ ଅନନ୍ୟ ଶିଶୁ ସାହିତ୍ୟ ସାଧକ ବୀରେନ୍ଦ୍ର କୁମାର ସାମନ୍ତରାୟ ଓ କବିତା ପୁସ୍ତକ ମନଛୁଆଁ ଶିଶୁକବିତା ଏବଂ ଡ. ଅକ୍ଷୟ କୁମାର ମହାନ୍ତିଙ୍କ ଉପନ୍ୟାସ ସିଂହାସନ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଶିଶୁ ସାହିତ୍ୟିକ ପ୍ରଶାନ୍ତ କୁମାର ପଣ୍ଡା, ରବୀନ୍ଦ୍ରନାଥ ମାଝୀ, ଡ. ସୁନାମଣି ରାଉତ, ଅକ୍ଷୟ କୁମାର ଷଡ଼ଙ୍ଗୀ, ଆଲୋକ କୁମାର ରଥ ଓ ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁସାହିତ୍ୟ ସ୍ରଷ୍ଟା ପ୍ରଫେସର ନରେନ୍ଦ୍ର ପ୍ରସାଦ ଦାସ, କବି ଶୈଳଜ ରବି, ରବୀନ୍ଦ୍ର ନାଥ ମହାନ୍ତି, ପ୍ରଫେସର ବିଜୟାନନ୍ଦ ସିଂହ, ପ୍ରଫେସର ରେଖା ଦାସ, ଡା. ବୀରକିଶୋର ସିଂହ, ଡା. ପ୍ରସନ୍ନ କୁମାର ରାଠୋର, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ନୀଳମଣି ଚାନ୍ଦ ଓ ଅରୁଣ ପ୍ରସାଦ କାନୁନ୍‌ଗୋ ପ୍ରମୁଖ ଯୋଗଦେଇଥିଲେ। ଇଂ. ପ୍ରେମାନନ୍ଦ ନାୟକ, ଦୁଃଶାସନ ବାରିକ, ବିଶ୍ୱରୂପ ସିଂହ, ସରୋଜ କୁମାର ସାମଲ ଓ ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପତ୍ରିକାର ସହସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ 'ଅତି ଆପଣାର ଟିକିପିଲାଟି'ର ପୂଜା ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

## ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

କଟକ,୨୧।୧୦ (କାର୍ତ୍ତିକ ସାହୁ)

କଟକ ଆଡ୍‌ହକ ଅତିରିକ୍ତ ଜିଲା ଓ ଦୌରାଜଜ୍ ଫାଷ୍ଟଟ୍ରାକ ସ୍ୱତନ୍ତ୍ର(୨) ଅଦାଲତ ଏକ ବଳାତ୍କାର ମାମଲାର ବିଚାର କରି ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ଓ ୧୦,୦୦୦ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତଙ୍କ ରାୟରେ ସ୍ପଷ୍ଟ ହୋଇଛି। ଅଭିଯୁକ୍ତ ଜଣଙ୍କ ହେଲେ କନ୍ଦରପୁର ଥାନା ଅନ୍ତର୍ଗତ ସିଦ୍ଧେଶ୍ୱରପୁରର ହୃଷୀକେଶ ଜେନା(୩୪)। ଅପରପକ୍ଷରେ ଅଦାଲତ ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦରେ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, କିଶନନଗର ଥାନା ଅଞ୍ଚଳରେ ୮ ବର୍ଷର ଜଣେ ନାବାଳିକା ୨୦୧୮ ଏପ୍ରିଲ ୨୧ରେ ବଳାତ୍କାରର ଶିକାର ହୋଇଥିଲେ। ନାବାଳିକା ଜଣଙ୍କ ସ୍କୁଲରୁ ଆସି ତାଙ୍କର ସମ୍ପର୍କୀୟଙ୍କ ଘରେ ଖେଳୁଥିବାବେଳେ ହୃଷୀକେଶ ଘରର ଛାତ ଉପରକୁ ନେଇ ତାଙ୍କୁ ବଳାତ୍କାର କରିଥିଲେ। ଏ ବାବଦରେ କାହାକୁ କିଛି ନ କହିବା ପାଇଁ ସେ ନାବାଳିକାଙ୍କୁ ଧମକ ଦେଇଥିଲେ। ହେଲେ ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ ତାଙ୍କ ମାଆଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ କିଶନନଗର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୯ ଜଣ ସାକ୍ଷୀ ଓ ୨୧ଟି ଦସ୍ତାବିଜ ଆଧାରରେ କୋର୍ଟ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଏମ୍. ଏମ୍. ବେଗ ମାମଲା ପରିଚାଳନା କରିଥିଲେ।

## ତିବ୍ବତ ଧର୍ମଗୁରୁଙ୍କ ମାଣିଆବନ୍ଧ ପରିଭ୍ରମଣ

ମାଣିଆବନ୍ଧ, ୨୧।୧୦ (ଅଖିଳ କୁମାର ସାହୁ):

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଗ୍ରାମରେ ପ୍ରତିଷ୍ଠିତ ୩ଟି କାଳିକା କାମେନା ମନ୍ଦିରରେ ବୌଦ୍ଧ ଧର୍ମାବଲମ୍ବୀମାନେ ପୂଜାର୍ଚ୍ଚନା କରୁଛନ୍ତି। ମନ୍ଦିର ଓ ଏଠାକାର ପରମ୍ପରା ଉପରେ ଅଧିକ ଗବେଷଣା କରିବା ପାଇଁ ତିବ୍ବତର ବୌଦ୍ଧ ଧର୍ମଗୁରୁ ସୋନମ ତଶି ଓ ଲାରମ୍ପା ଛାମ୍ପା ଶନିବାର ମାଣିଆବନ୍ଧ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନଙ୍କୁ ଗ୍ରାମର ବୌଦ୍ଧ ଉପାସକମାନେ କାଳିକା ନୃତ୍ୟ ମାଧ୍ୟମରେ ସ୍ୱାଗତ କରିବା ସହ ଗ୍ରାମ ପରିକ୍ରମା କରାଇଥିଲେ। ବୌଦ୍ଧ ଧର୍ମାବଲମ୍ବୀମାନେ ପ୍ରଥମେ ସୁନିଆପାଟଣା ସାହିସ୍ଥିତ ସର୍ବପୁରାତନ ବୌଦ୍ଧ ମନ୍ଦିର କାମେନା ମନ୍ଦିର ପରିଦର୍ଶନ କରିଥିଲେ। ଏଥିସହ ଗ୍ରାମର ବୌଦ୍ଧ ଉପାସକମାନଙ୍କ ସହିତ ମତ ବିନିମୟ କରିଥିଲେ। କାର୍ଯ୍ୟକ୍ରମରେ ଯୁବ ବୌଦ୍ଧ ସଙ୍ଗଠକ ପ୍ରୀତମ କୁମାର, ଅରୁଣ କୁମାର ଦତ୍ତ, ଚନ୍ଦ୍ରମଣି ଚନ୍ଦ, ମନୋରଞ୍ଜନ ଦତ୍ତ, ରାମଚନ୍ଦ୍ର ଦଳେଇ, ଆଦିକନ୍ଦ ମହାପାତ୍ର, ଶ୍ରୀଧର ଚନ୍ଦ, ବିଜୟ ଚନ୍ଦ, ବାଙ୍କୀ ରଗଡି ବୌଦ୍ଧସଂଘର ସଭାପତି କୁଳମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ମାଣିଆବନ୍ଧ ଗସ୍ତରେ ଆସିଥିବା ବୌଦ୍ଧଗୁରୁ।

## ବକୁଳ ଫାଉଣ୍ଡେଶନ ପକ୍ଷରୁ ବୁର୍ଲାରେ ପାଠାଗାର ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୧୦ (ବନ୍ଦନା ସେଠୀ)

ବକୁଳ ଫାଉଣ୍ଡେଶନ ପକ୍ଷରୁ ବୁର୍ଲାର ଗୋପବନ୍ଧୁଛକଠାରେ ଶୁକ୍ରବାର ଗୋପବନ୍ଧୁ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରି କହିଲେ, ସମ୍ପ୍ରତି ପାଠକମାନେ ପୁସ୍ତକଠାରୁ ଦୂରେଇ ଯାଉଛନ୍ତି। ପୁସ୍ତକ ପଠନ ଏକ ଭଲ ଅଭ୍ୟାସ। ତେଣୁ ଏହାକୁ ଜାରିରଖିବା ଉଚିତ। ଏହି ପାଠାଗାରରେ ପିଲାଙ୍କଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ପୁସ୍ତକ ରହିଛି। ଫାଉଣ୍ଡେଶନ ରାଜ୍ୟରେ ୨୫ରୁ ଊର୍ଦ୍ଧ୍ୱ ପାଠାଗାର ଖୋଲିଥିବାବେଳେ ପଶ୍ଚିମ ଓଡ଼ିଶାର ଏହି ପାଠାଗାର ସମ୍ବଲପୁର ମହାନଗର ନିଗମ (ଏସ୍ଏମ୍‌ସି) ପାଠକଙ୍କ ପାଇଁ ଖୁବ୍ ଉପାଦେୟ ହୋଇପାରିବ ବୋଲି ତ୍ରିପାଠୀ ମତ ପ୍ରକାଶ କରିଥିଲେ।

ଗୋପବନ୍ଧୁ ପାଠାଗାରରେ ବିନା ଦେୟରେ ସମସ୍ତଙ୍କ ପାଇଁ ପୁସ୍ତକ ପଠନର ସୁବିଧା ରହିଛି। ଏହା ମଙ୍ଗଳବାରଠାରୁ ରବିବାର ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ ଓ କେବଳ ସୋମବାର ଦିନ ଏହା ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି। ଏଠାରେ ପିଲାଙ୍କଠାରୁ ବୟସ୍କ ସବୁ ବର୍ଗର ଲୋକଙ୍କ ପାଇଁ ଉଭୟ ଇଂଲିଶ ଓ ଓଡ଼ିଆ ଭାଷାରେ ୧୦ହଜାରରୁ ଅଧିକ ପୁସ୍ତକ ରହିଛି। ଛୋଟପିଲାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଚିଲ୍‌ଡ୍ରେନ୍‌ସ ସେକ୍ସନ ରହିଛି। ଏଥିରେ ଅକ୍ଷର ଶିଖୁଥିବା ପିଲାଙ୍କଠାରୁ ଆରମ୍ଭ କରି ଯୁବକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ପୁସ୍ତକ ଯେପରିକି ଛବିବହି, କମିକ୍ସ, ଫାଣ୍ଟାସି, ଡିଟେକ୍ଟିଭ୍ ଫିକ୍ସନ, ଆଡ୍‌ଭେଞ୍ଚର୍, ହରର୍, ରୋମାନ୍ସ, ସାଇନ୍ସ ଫିକ୍ସନ୍ ଆଦି ପୁସ୍ତକ ଉପଲବ୍ଧ ରହିଛି। ଥ୍ରିଲରସ୍, କ୍ଲାସିକ୍, ଇଣ୍ଡିଆନ୍ ଫିକ୍ସନ, କ୍ୱିଜିଙ୍ଗ୍, ବିଜ୍ଞାନ, ୱାଇଲ୍ଡଲାଇଫ୍ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ, ଏନ୍‌ସାଇକ୍ଲୋପିଡିଆ ଭଳି ବିଭିନ୍ନ ପୁସ୍ତକ ରଖାଯାଇଛି। କେବଳ ପୁସ୍ତକ ନୁହେଁ, ପାଠାଗାରକୁ ଅତି ସୁନ୍ଦର ଭାବେ ଡିଜାଇନ୍ କରାଯାଇ ପ୍ରାକୃତିକ ରୂପ ଦିଆଯାଇଛି। ବହି ଥାକକୁ ଗଛ ଭଳି ଡିଜାଇନ୍ କରାଯାଇଥିବାବେଳେ ସମ୍ବଲପୁରୀ ଶାଢ଼ିରେ ଜଣେ ମହିଳା ବହିର ଡ଼ଙ୍ଗା ଉପରେ ବସି ଯାତ୍ରା କରୁଥିବା ଚିତ୍ର ସୃଜନଶୀଳତାର ଅନନ୍ୟ ଉଦାହରଣ ପାଲଟିଛି।

ପାଠାଗାର ଉଦ୍‌ଘାଟନ ପରେ ଅଧ୍ୟକ୍ଷ ତ୍ରିପାଠୀ ଚିପିଲିମାସ୍ଥିତ କୃଷି ଓ ଉଦ୍ୟାନ କୃଷି ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସେ ଭିତ୍ତିଭୂମି ଦେଖିବା ସହ ଅଧ୍ୟାପକଙ୍କ ସହିତ କୃଷିବିଜ୍ଞାନ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ଅଧିକ ଗବେଷଣା କରିବାକୁ ପରାମର୍ଶ ଦେବାସହ କୃଷକମାନଙ୍କ ନିମନ୍ତେ ଉନ୍ନତ ଜ୍ଞାନକୌଶଳ ଉପରେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ବକୁଳ ଫାଉଣ୍ଡେଶନର ମୁଖ୍ୟ ସୁଜିତ୍ ମହାପାତ୍ର, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ପାଠାଗାର ଉଦ୍‌ଘାଟନ କରୁଛନ୍ତି।

# ସବୁଠି ମହାମାୟାଙ୍କୁ ଆବାହନ



ଜଟଣୀ ନୀଳଚକ୍ର ମାର୍କେଟ ସ୍ଥିତ ବେଙ୍ଗଲୀ କ୍ଲବ୍‌ରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

**ଖୋର୍ଦ୍ଧା,୨୧।୧୦(ପ୍ରଭାତ ପାଣିଗ୍ରାହୀ)**

ଶାରଦୀୟ ଦୁର୍ଗାପୂଜା ପାଇଁ ଖୋର୍ଦ୍ଧା ସହର ସମେତ ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ସବୁଠି ରହିଛି ଉତ୍ସାହର ମାହୋଲ। ପ୍ରମୁଖ ଶକ୍ତିପୀଠ ବାଟ ଭୁଆସୁଣୀ, ବରୁଣେଇ ପୀଠ, ଗଡ଼ମାଣିତ୍ରୀର ମା'ରାମଚଣ୍ଡୀ, ମା'ଉଗ୍ରତାରା ଏବଂ ବାଣପୁରସ୍ଥିତ ମା'ଭଗବତୀ ପୀଠରେ ପରମ୍ପରା ଅନୁଯାୟୀ ମହାଷ୍ଟମୀ ପୂଜା ଆଡ଼ମ୍ବରରେ ପାଳିତ ହୋଇଛି। ଅନ୍ୟପଟେ ପୂଜାମଣ୍ଡପରେ ମହାସପ୍ତମୀ ପୂଜା ଚାଲିଛି। ଖୋର୍ଦ୍ଧାରେ ରହିଛି ପାର୍ବଣର ମାହୋଲ। ମଣ୍ଡପରେ ବିରାଜିଛନ୍ତି ମା'ଜଗଜ୍ଜନନୀ। ସହରର ଇଗଲ କ୍ଲବ, ଖୋର୍ଦ୍ଧା କ୍ଲବ, ଗୁରୁଜଙ୍ଗ ମାଲିସାହି, ପୁରୁଣା ଦମକଳ ଛକ ଏବଂ ପଲ୍ଲା ଛକରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ବେଳେ ଜୟୀ ରାଜଗୁରୁ ଭବନ (ଟାଉନ ହଲ) ନିକଟରେ ଟ୍ରାଫିକ ଛକ ବ୍ୟବସାୟୀ ସଂଘ, ଦୁଲଣା ସାହି, ମାଛ ମାର୍କେଟ ଛକ, ୪୦୭ ଷ୍ଟାଣ୍ଡ ପୂଜାମଣ୍ଡପରେ ପୂଜା ପାଉଛନ୍ତି ହର ପାର୍ବତୀ। ଷଷ୍ଠୀରେ ବିଲ୍ୱବରଣ ପରେ ସପ୍ତମୀରେ ଦେବୀଙ୍କ ନବ ପତ୍ରିକା ପ୍ରବେଶ, ମହାସପ୍ତମୀ ବିହିତ ପୂଜା ହୋଇଥିଲା। ସନ୍ଧ୍ୟାରେ ଦେବୀଙ୍କ ସନ୍ଧ୍ୟା ଆଳତି କରାଯାଇଥିଲା। ଆକର୍ଷଣୀୟ ସାଜସଜ୍ଜା, ଆକାଶଚୁମ୍ବୀ ତୋରଣ, ଲାଇଟ ଗେଟ୍, ବିଭିନ୍ନ ରଙ୍ଗିନ ଆଲୋକମାଳାରେ ମଣ୍ଡପ ଝଲସୁଛି। ସବୁ ମଣ୍ଡପରେ ସନ୍ଧ୍ୟାଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ଼ ରହିଥିଲା। ପାର୍ବଣ ସମୟରେ ପୋଲିସ ପକ୍ଷରୁ ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଏବଂ ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଉଛି। ସବୁ ଜନଗହଳି ସ୍ଥାନ ଏବଂ ଟ୍ରାଫିକ ଛକରେ ପୋଲିସ ମୁତୟନ ରହିଛନ୍ତି।


ଖୋର୍ଦ୍ଧା ଗୁରୁଜଙ୍ଗ ପୂଜା କମିଟି।


କଣ୍ଟାଛକ ବଣିକ ସଂଘ ପୂଜା ମଣ୍ଡପ।


ଜଟଣୀ ରେତଙ୍ଗ କଲୋନୀସ୍ଥିତ ଡିଏଲ୍‌କେପିସି କ୍ଲବ୍ ପୂଜା ମଣ୍ଡପ।


ଟାଙ୍ଗୀ ଚିଲିକା ଛକ।


ଜଟଣୀ ଟ୍ରାଫିକ୍ କଲୋନୀସ୍ଥିତ ସାର୍ବଜନୀନ ପୂଜା ମଣ୍ଡପ।


କୁଦିଆରୀ ଗ୍ରାମସ୍ଥିତ ହରିହର କ୍ଲବ୍।


ଖୋର୍ଦ୍ଧା ଟ୍ରାଫିକ୍ ଛକ ବ୍ୟବସାୟୀ ସଂଘ ପକ୍ଷରୁ ପୂଜା ପାଉଥିବା ହରପାର୍ବତୀ।


ଖୋର୍ଦ୍ଧା ପୁରୁଣା ଫାୟାର ଷ୍ଟେଶନ୍ ଛକ।


ଖୋର୍ଦ୍ଧା କ୍ଲବ୍।


ଜଟଣୀ ମ୍ୟୁନିସିପାଲିଟି ଛକଠାରେ ପୂଜା ପାଉଥିବା ମା' ଦୁର୍ଗା।


ଜଟଣୀ ଟ୍ରାଫିକ୍ କଲୋନୀସ୍ଥିତ ପ୍ରଗତି ସାଂସ୍କୃତିକ ଚକ୍ର ପୂଜା କମିଟି।

**ବଲଙ୍ଗାରେ ଶାରଦୀୟ ପୂଜା**

ବଲଙ୍ଗା,(କେଦାରେଶ୍ୱର ନନ୍ଦ)- ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ବଲଙ୍ଗା ବଜାରରେ ମା' ଦୁର୍ଗାଙ୍କ ସପ୍ତମୀ ପୂଜା ଅବସରରେ କାଳରାତ୍ରି ବେଶରେ ଭକ୍ତମାନେ ମା'ଙ୍କୁ ଦର୍ଶନ କରିଛନ୍ତି। ରବିବାର ଅଷ୍ଟମୀ ତିଥିରେ ମା' ଗୌରୀ ବେଶ ଧାରଣ କରି ଭକ୍ତଙ୍କୁ ଦର୍ଶନ ଦେବେ। ଧୁମଧାମ, ଜାକଜମକରେ ବଲଙ୍ଗା ବଜାରରେ ଶତାଧିକ ଲୋକ ଆସି ମା'ଙ୍କୁ ଦର୍ଶନ କରୁଛନ୍ତି। ସେହିପରି ବଲଙ୍ଗା ଥାନା ଅଞ୍ଚଳରେ ରୂପଦେଇପୁର, ଗୁଆଳିଗୋରଡ଼ାରେ ମଧ ମା'ଙ୍କ ପୂଜା ବହୁ ଆଡ଼ମ୍ବରରେ ପାଳିତ ହେଉଛି।


ପୁରୀ: ମା' ଶ୍ୟାମାକାଳୀଙ୍କ ମହିଷାମର୍ଦ୍ଦିନୀ ବେଶ ।


ପୁରୀର ଏକ ମନ୍ଦିରରେ ମା'ଙ୍କ ତ୍ରିପୁରା ସୁନ୍ଦରୀ ବେଶ ।


ମଣିକର୍ଣ୍ଣିକା ସାହିରେ ପୂଜା ପାଉଛନ୍ତି ମା' ବନଦୁର୍ଗା ।


ପୁରୀ ମାର୍କେଟ ଛକ ବ୍ୟବସାୟୀ ସଂଘ ପକ୍ଷରୁ ଦୁର୍ଗାପୂଜା ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୧।୧୦।୨୦୨୩

| | |
|---|---|
| ୪,୩୨,୩୨୬ ଟଙ୍କା | |
| ସୁନା | ୫.୮୦୦ ଗ୍ରାମ୍ |
| ରୁପା | ୨୭ ଗ୍ରାମ୍ |

## ସଂକ୍ଷେପରେ

### କିଶୋର ଜେନା ସମ୍ବର୍ଦ୍ଧିତ

ପୁରୀ, ୨୧।୧୦ (ଅଜିତ୍ ମହାନ୍ତି): ଏସିଆନ ଗେମ୍ସ ୨୦୨୩ରେ ଜାଭେଲିନ ଥ୍ରୋ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିବା ପୁରୀ ଜିଲା ବ୍ରହ୍ମଗିରି ବ୍ଲକ କୋଠସାହିର କିଶୋର ଜେନାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରୋଟାରୀ କ୍ଲବ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ କିଶୋରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କ୍ଲବ୍‌ର ସଭାପତି ରୋଟାରୀ ସନ୍ତୋଷ କୁମାର ଲେଙ୍କାଙ୍କ ସ୍ୱାଗତ ଭାଷଣ ପରେ ରୋଟାରୀ ହରିହର ଜେନା କିଶୋରଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାକ୍ତନ ସଭାପତି ବଦ୍ରିନାରାୟଣ ପାତ୍ର ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ପରେ କିଶୋର ତାଙ୍କ ସଂଘର୍ଷମୟ ସାଧନାର କଥା କହିଥିଲେ। ଏବେ ବିଶ୍ୱସ୍ତରରେ ଜାଭେଲିନ କ୍ଷେପଣରେ ୫ମ ସ୍ଥାନରେ ରହିବା ସହ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି କହିଥିଲେ। କିଶୋର ଜେନାଙ୍କୁ ଶ୍ରୀମନ୍ଦିର ଚୂନରା ସେବକ ରୋଟାରୀ ଶରତ ମହାନ୍ତି ନୀଳଚକ୍ର ଓଲାଗି ବାନା ପ୍ରଦାନ କରିବାପରେ ପ୍ରାକ୍ତନ ସଭାପତି ଗୋକୁଳାନନ୍ଦ ପଟ୍ଟନାୟକ ଓ ଦେବୀ ପ୍ରସନ୍ନ ନନ୍ଦଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ରୋଟାରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଶ୍ରୀଗଣେଶଙ୍କ ପଟ୍ଟଚିତ୍ର, ପ୍ରାକ୍ତନ ସଭାପତି ନରେନ୍ଦ୍ର ପାତ୍ର ରୋଟାରୀ ପ୍ରତୀକ ପିନ୍, ରୋଟାରୀ ରଶ୍ମିତା ଏକ ଚାରାଗଛ କିଶୋରଙ୍କୁ ପ୍ରଦାନ କରିଥିଲେ। ପରେ ରୋଟାରୀ ଜିତେନ୍ଦ୍ର ସାହୁ ଶ୍ରୀଜଗନ୍ନାଥଙ୍କ ରୂପଖଚିତ ଏକ ସ୍ୱର୍ଣ୍ଣିମ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ରୋଟାରୀ ଅଜୟ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

### ଶିଶୁଭବନ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବ

ସାକ୍ଷୀଗୋପାଳ,୨୧।୧୦ (ଭରତ ରାଉତ)

ସାକ୍ଷୀଗୋପାଳସ୍ଥିତ ଆଚାର୍ଯ୍ୟ ହରିହର ଶିଶୁଭବନର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ବାମନ ଚରଣ ଦାଶଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ ଶନିବାର ଶିଶୁଭବନର ଅନ୍ତେବାସୀ, କର୍ମଚାରୀ ଓ କର୍ମକର୍ତ୍ତାଙ୍କ ଦ୍ୱାରା ପାଳିତ ହୋଇଯାଇଛି। ଉତ୍ସବରେ ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା, କାର୍ଯ୍ୟକାରିଣୀ କମିଟି ସଭ୍ୟା ରାଜଲକ୍ଷ୍ମୀ ଦାଶ ପ୍ରମୁଖଙ୍କ ସହିତ ସମସ୍ତ ଅନ୍ତେବାସୀ ଏବଂ କର୍ମଚାରୀମାନେ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ଏହାସହିତ ଶିଶୁଭବନ ପ୍ରତି ତାଙ୍କର ଅତୁଳନୀୟ ଅବଦାନ, କଠିନ ପରିଶ୍ରମ ଏବଂ ସେହି ମହାମନୀଷୀଙ୍କ ଦିବ୍ୟ ବାର୍ତ୍ତାକୁ ପାଥେୟ କରି ଅନ୍ତେବାସୀଙ୍କୁ ଭଲ ମଣିଷ କରି ଗଢ଼ିତୋଳିବା ଲକ୍ଷ୍ୟ ନେଇ ଶେଷ ଜୀବନ ପର୍ଯ୍ୟନ୍ତ ନିଜକୁ ଉତ୍ସର୍ଗୀକୃତ କରିବାର ଦିଗ୍‌ଦର୍ଶନ ମିଳିଥିଲା।

# ବଡ଼ପୋଖରିଆରେ ୨୦ଟିକିଆ ହାତୀପଲ

ନିରାକାରପୁର,୨୧।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)



ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି। ଜଙ୍ଗଲରେ ହାତୀଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମିଳୁ ନ ଥିବାରୁ ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗିଥା'ନ୍ତି। ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଇଥିବା ନଜିର ରହିଛି। ଶନିବାର ସନ୍ଧ୍ୟାରେ ଭୂଷଣ୍ଡପୁର ବନଖଣ୍ଡ ଅନ୍ତର୍ଗତ ବଡ଼ପୋଖରିଆ ଅଞ୍ଚଳରେ ୨୦ଟି ହାତୀ କମାଗୁରୁ ରାସ୍ତାରେ ଥିବା ପୁରୁଣାଗଡ଼ ପୋଖରୀରେ ପାଣି ପିଇ ବଡ଼ପୋଖରିଆ ଗ୍ରାମ ଅଭିମୁଖେ ଯାଇଥିବା ଜଣାପଡ଼ିଛି। ଖବରପାଇ ବନ ବିଭାଗ ପକ୍ଷରୁ ଦୁଇଟି ପାଟ୍ରୋଲିଂ ଗାଡ଼ିରେ ଗଜସାଥୀଙ୍କ ସମେତ ୧୬ଜଣ ଷ୍ଟାଫ୍ ହାତୀପଲଙ୍କ ଗତିବିଧି ଲକ୍ଷ୍ୟକରି ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରଖିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ହାତୀପଲଙ୍କ ଗତିବିଧି ଦେଖି ୧୬ ନମ୍ବର ଜାତୀୟ ରାଜପଥରେ ଯାଉଥିବା ଲୋକେ ଭୟଭୀତ ହେବା ସହ ସ୍ଥାନୀୟ ଚାଷୀମାନେ ଫସଲ କ୍ଷତି ହେବା ନେଇ ଆଶଙ୍କା କରିଛନ୍ତି। ତେବେ ହାତୀପଲଙ୍କୁ ନିକଟ ଜଙ୍ଗଲକୁ ଘଉଡ଼ାଇବା ସହ ସେମାନଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିବା ପାଇଁ ସାଧାରଣରେ ଦାବି ହେଉଛି।

# ମା' ମଙ୍ଗଳାଙ୍କୁ ଦର୍ଶନକଲେ ପିସିସି ସଭାପତି

କାକଟପୁର,୨୧।୧୦(ଶୁଭଦର୍ଶନ ମିଶ୍ର)

ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି(ପିସିପି) ସଭାପତି ଶରତ ପଟ୍ଟନାୟକ ଶନିବାର କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କୁ ପାର୍ବଣ ଅବସରରେ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ପ୍ରଦେଶ କଂଗ୍ରେସ ଉପସଭାପତି ବିଶ୍ୱଭୂଷଣ ଦାସ, ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ, ପୁରୀ ଜିଲା କଂଗ୍ରେସ କମିଟି ସଭାପତି ଜୟନାରାୟଣ ପଟ୍ଟନାୟକ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ଜିଲା ସାଧାରଣ ସମ୍ପାଦକ ସୌମ୍ୟକାନ୍ତ ଖୁଣ୍ଟିଆ ପ୍ରମୁଖ ମଙ୍ଗଳାଙ୍କ ଦର୍ଶନ ପାଇଁ କାକଟପୁରରେ ପହଞ୍ଚିଥିଲେ। ସେଠାରେ ବ୍ଲକ କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ମନ୍ଦିର ନିକଟରେ ସେମାନଙ୍କୁ ପାଛୋଟି ନେଇଥିଲେ। ଦର୍ଶନ ଶେଷରେ କାକଟପୁର ଜଳସେଚନ ଡାକବଙ୍ଗଳାରେ ସଭାପତି କର୍ମୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ୍ କରିବା ସହିତ ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।


କାକଟପୁର ମା' ମଙ୍ଗଳାଙ୍କ ଦର୍ଶନ ପାଇଁ ପହଞ୍ଚିଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ ।

## ମା' ମଙ୍ଗଳାଙ୍କ ପ୍ରସିଦ୍ଧ ମହିଷମର୍ଦ୍ଦିନୀ ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼

କାକଟପୁର,୨୧।୧୦(ଶୁଭଦର୍ଶନ ମିଶ୍ର)

ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠେ ମହାଷ୍ଟମୀ ତିଥିରେ ଶନିବାର ମହିଷମର୍ଦ୍ଦିନୀ ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ମା'ଙ୍କ ସ୍ନାନ ମାର୍ଜନା ବେଶ ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲିଥିଲା। ପୂର୍ବାହ୍ନ ୧୧ଟା ବେଳକୁ ବଲ୍ଲଭ, ସକାଳ ଧୂପ, ଦ୍ୱିପ୍ରହର ଧୂପ ଓ ଭଅଣ୍ଡ ନୀତି ପରେ ପହୁଡ଼ ପଡ଼ିଥିଲା। ପରେ ପରେ ସନ୍ଧ୍ୟାରେ ପହୁଡ଼ ଫିଟାଯାଇ ପୁନଃ ସ୍ନାନ ମାର୍ଜନା କରାଯାଇ ମା' ମଙ୍ଗଳାଙ୍କୁ ମହିଷମର୍ଦ୍ଦିନୀ ବେଶରେ ସଜ୍ଜିତ କରାଯାଇଥିଲା। ମୃଣ୍ମୟୀ ମହିଷାସୁର ଓ ସିଂହଙ୍କୁ ମା'ଙ୍କ ପାଦତଳେ ରଖାଯାଇ ମା'ଙ୍କ ତ୍ରିଶୂଳ ମହିଷସୁରର ବକ୍ଷଭେଦ କରାଯାଇଥିଲା। ପରେ ରାତ୍ର ଧୂପ ଓ ବଡ଼ସିଂହାର ନୀତି ପରେ ମନ୍ଦିର ପୁରୋହିତ, ଷୋଡ଼ଶ ଉପଚାର ପୂଜାପଣ୍ଡା ଓ ପାଳିଆ ସେବକଙ୍କ ଦ୍ୱାରା ସନ୍ଧିପୂଜା, ହୋମଯଜ୍ଞ ଓ କୁଷ୍ମାଣ୍ଡ ବଳି ଦିଆଯାଇଥିଲା। ପାଳିଆ ସେବକ ଭାବେ ନୋଳିଆ ପାଢ଼ୀ ଦାୟିତ୍ୱ ତୁଲାଇଥିବାବେଳେ ତପନ ଦୀକ୍ଷିତ୍ ପୂଜାପଣ୍ଡା ସେବକ ଓ ସୁରେଶ ଚନ୍ଦ୍ର ତ୍ରିପାଠୀ ପୁରୋହିତ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

ନିମାପଡ଼ା,୨୧।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ଥାନା ପକ୍ଷରୁ ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟ ଛକରେ ଚଢ଼ାଉ କରାଯାଇ କଲେଜ ପଛପଟ ଫାଟକ ନିକଟରୁ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ନିମାପଡ଼ା ଏନ୍‌ଏସି ଅଧୀନ ନୁଆରକିରି ଗ୍ରାମର ସୌରଭ ଘୋଷାଲ(୨୦)। ବେପାରୀଙ୍କଠାରୁ ଅବକାରୀ ଥାନା ଅଧିକାରୀ ୭ ଲକ୍ଷ ୩୦ ହଜାର ଟଙ୍କା ମୂଲ୍ୟର ୭୩ ଗ୍ରାମ ବ୍ରାଉନସୁଗାର, ନଗଦ ୫ ହଜାର ଟଙ୍କା ଓ ଏକ ବାଇକ୍ ଜବତ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବେପାରୀଙ୍କ ବିରୋଧରେ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଦଫାରେ ୧୧୩/୨୩ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ପୁରୀ ଜିଲା ଅବକାରୀ ନିରୀକ୍ଷକ ଜଗଦୀଶଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ, ଶରତ ସାହୁ, ସ୍ୱାଗତିକା ଘଡେଇ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।

# ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ପାଇଁ ପିପିଲିରୁ ୨୨ଜଣ ମନୋନୀତ



...

ପିପିଲି,୨୧।୧୦(ଦୁର୍ଗା ମାଧବ ମିଶ୍ର)

ପୁରୀ ରେଳବାଇ କଲ୍ୟାଣ ମଣ୍ଡପଠାରେ ଶନିବାର ଟାଏକୋଣ୍ଡୋ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ରବିବାର ଏହି ପ୍ରତିଯୋଗିତା ଉଦ୍‌ଯାପନ ହେବ। ପ୍ରତିଯୋଗିତା ପାଇଁ ପିପିଲି ଟାଏକୋଣ୍ଡୋ ଏକାଡେମୀର ୨୨ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଏଥିରେ ଜୁନିୟର, ସିନିୟର ଏବଂ କ୍ୟାଡେଟ୍ ବର୍ଗରେ ବାଳିକା ଏବଂ ବାଳକ ପ୍ରତିଯୋଗୀ ରହିଛନ୍ତି। ପ୍ରକାଶଥାଉ କି, ଏହି ପ୍ରତିଯୋଗିତାରେ ପୁରୀ ଜିଲା ଅଧୀନ ବିଭିନ୍ନ ବ୍ଲକର ଟାଏକୋଣ୍ଡୋ ଶିକ୍ଷାନୁଷ୍ଠାନମାନଙ୍କରୁ ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

## କାଠିଦିଅଁ ରୂପେ ଭକ୍ତଙ୍କୁ ଦର୍ଶନ ଦେଲେ ମା' କୁଞ୍ଜେଶ୍ୱରୀ

କଣାସ,୨୧।୧୦(ବିଭୂତି ଭୂଷଣ ତ୍ରିପାଠୀ)– କଣାସ ଅଞ୍ଚଳର ଆରାଧ୍ୟା ଠାକୁରାଣୀ କଣାସ ଗ୍ରାମରେ ପ୍ରତିଷ୍ଠିତ ମା' କୁଞ୍ଜେଶ୍ୱରୀଙ୍କ ଷୋଳପୂଜା ଗତ ୬ତାରିଖଠାରୁ ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମା' କୁଞ୍ଜେଶ୍ୱରୀ ୧୬ତାରିଖଠାରୁ କାଠିଦିଅଁ ରୂପେ ୬ଦିନ ମନ୍ଦିରରେ ପୂଜା ପାଇବା ସହିତ ଆଖପାଖ ୧୬ଖଣ୍ଡ ଗ୍ରାମ ପରିକ୍ରମା କରି ଦୁଆରି ଭୋଗ ଖାଇଥାନ୍ତି। ଅଷ୍ଟମୀ ଦିନ ପୂଜା ପରେ ମା'ଙ୍କ ଷୋଳପୂଜା କାର୍ଯ୍ୟ ସମାପନ ହୋଇଥାଏ। ଶାନ୍ତି ଶୃଙ୍ଖଳାର ସହ ପୂଜାକାର୍ଯ୍ୟ ସମାପନ ପାଇଁ ମା'ଙ୍କ ସେବକ ଓ ପୂଜାରୀ, ପୋଲିସ, ପ୍ରଶାସନ, ତହସିଲଦାର, ବିଡିଓ ସତର୍କ ରହିଥାନ୍ତି। ଚଳିତବର୍ଷ ମଧ ମା'ଙ୍କ ୧୬ଦିନ ଧରି ଶାରଦୀୟ ପୂଜା ଉତ୍ସବ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି।

# କୋଣାର୍କରେ ଦୁର୍ଗାପୂଜା ଆରମ୍ଭ

କୋଣାର୍କ,୨୧।୧୦(ଜ୍ୟୋତିରାଜ ମହାନ୍ତି)

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନକ୍ଷେତ୍ର କୋଣାର୍କରେ ଶ୍ରୀଶ୍ରୀ ନରସିଂହ ଦେବ ଦୁର୍ଗାପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି। ଶନିବାର ମା' ଦୁର୍ଗାଙ୍କ ସପ୍ତମୀ ପୂଜାକୁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ଚଳିତବର୍ଷ କୋଣାର୍କରେ ୫୯ତମ ଶାରଦୀୟ ଦୁର୍ଗାପୂଜା ଶୁକ୍ରବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇ ଶନିବାର ପ୍ରାତଃରେ ପୂଜକ ବଳରାମ ପଣ୍ଡା ମା'ଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଚଳାଇଛନ୍ତି। ଚଳିତବର୍ଷ ମା'ଙ୍କୁ ଚାନ୍ଦିର ମେଢ଼ରେ ସୁସଜିତ କରାଯାଇଛି। ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହିତ ଚଳିତବର୍ଷ ବିଶେଷ ଭାବରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି କମିଟି ସଭାପତି ସୁଶାନ୍ତ ମହାନ୍ତି ମତପ୍ରକାଶ କରିଛନ୍ତି। ଭସାଣିରେ ପାରମ୍ପରିକ ଲୋକନୃତ୍ୟ ଭାବରେ ଘୋଡ଼ା ନାଚ, ଘଣ୍ଟ ମର୍ଦ୍ଦଳପରିବେଷଣ କରାଯିବା ପାଇଁ ପୂଜା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।


ଶ୍ରୀଶ୍ରୀ ନରସିଂହ ଦେବ ଦୁର୍ଗାପୂଜା କମିଟି ପକ୍ଷରୁ ଆରମ୍ଭ ହୋଇଥିବା ପୂଜା ।

# ବକୁଳ ଫାଉଣ୍ଡେଶନ ପକ୍ଷରୁ ବୁର୍ଲାରେ ପାଠାଗାର ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୧୦ (ବନ୍ଦନା ସେଠୀ)

ବକୁଳ ଫାଉଣ୍ଡେଶନ ପକ୍ଷରୁ ବୁର୍ଲାର ଗୋପବନ୍ଧୁ ଛକଠାରେ ଶୁକ୍ରବାର ଗୋପବନ୍ଧୁ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରି କହିଲେ, ସମ୍ପ୍ରତି ପାଠକମାନେ ପୁସ୍ତକଠାରୁ ଦୂରେଇ ଯାଉଛନ୍ତି। ପୁସ୍ତକ ପଠନ ଏକ ଭଲ ଅଭ୍ୟାସ। ତେଣୁ ଏହାକୁ ଜାରିରଖିବା ଉଚିତ। ଏହି ପାଠାଗାରରେ ପିଲାଙ୍କଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ପୁସ୍ତକ ରହିଛି। ଫାଉଣ୍ଡେଶନ ରାଜ୍ୟରେ ୨୫ରୁ ଊର୍ଦ୍ଧ୍ୱ ପାଠାଗାର ଖୋଲିଥିବାବେଳେ ପଶ୍ଚିମ ଓଡ଼ିଶାର ଏହି ପାଠାଗାର ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ପାଠକଙ୍କ ପାଇଁ ଖୁବ୍ ଉପାଦେୟ ହୋଇପାରିବ ବୋଲି ତ୍ରିପାଠୀ ମତ ପ୍ରକାଶ କରିଥିଲେ।

ଗୋପବନ୍ଧୁ ପାଠାଗାରରେ ବିନା ଦେୟରେ ସମସ୍ତଙ୍କ ପାଇଁ ପୁସ୍ତକ ପଠନର ସୁବିଧା ରହିଛି। ଏହା ମଙ୍ଗଳବାରଠାରୁ ରବିବାର ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ ଓ କେବଳ ସୋମବାର ଦିନ ଏହା ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି। ଏଠାରେ ପିଲାଙ୍କଠାରୁ ବୟସ୍କ ସବୁ ବର୍ଗର ଲୋକଙ୍କ ପାଇଁ ଉଭୟ ଇଂଲିଶ ଓ ଓଡ଼ିଆ ଭାଷାରେ ୧୦ହଜାରରୁ ଅଧିକ ପୁସ୍ତକ ରହିଛି। ଛୋଟପିଲାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଚିଲ୍‌ଡ୍ରେନ୍‌ସ ସେକ୍ସନ ରହିଛି। ଏଥିରେ ଅକ୍ଷର ଶିଖୁଥିବା ପିଲାଙ୍କଠାରୁ ଆରମ୍ଭ କରି ଯୁବକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ପୁସ୍ତକ ଯେପରିକି ଛବିବହି, କମିକ୍ସ, ଫାଣ୍ଟାସି, ଡିଟେକ୍ଟିଭ୍ ଫିକ୍ସନ, ଆଡ୍‌ଭେଞ୍ଚର୍, ହରର୍, ରୋମାନ୍ସ, ସାଇନ୍ସ ଫିକ୍ସନ୍ ଆଦି ପୁସ୍ତକ ଉପଲବ୍ଧ ରହିଛି। ଥ୍ରିଲରସ୍, କ୍ଲାସିକ୍, ଇଣ୍ଡିଆନ୍ ଫିକ୍ସନ, କ୍ୱିଜିଙ୍ଗ୍, ବିଜ୍ଞାନ, ୱାଇଲ୍ଡଲାଇଫ୍ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ, ଏନ୍‌ସାଇକ୍ଲୋପିଡିଆ ଭଳି ବିଭିନ୍ନ ପୁସ୍ତକ ରଖାଯାଇଛି। କେବଳ ପୁସ୍ତକ ନୁହେଁ, ପାଠାଗାରକୁ ଅତି ସୁନ୍ଦର ଭାବେ ଡିଜାଇନ୍ କରାଯାଇ ପ୍ରାକୃତିକ ରୂପ ଦିଆଯାଇଛି। ବହି ଥାକକୁ ଗଛ ଭଳି ଡିଜାଇନ୍ କରାଯାଇଥିବାବେଳେ ସମ୍ବଲପୁରୀ ଶାଢ଼ିରେ ଜଣେ ମହିଳା ବହିର ଡଙ୍ଗା ଉପରେ ବସି ଯାତ୍ରା କରୁଥିବା ଚିତ୍ର ସୃଜନଶୀଳତାର ଅନନ୍ୟ ଉଦାହରଣ ପାଲଟିଛି।


ଗୋପବନ୍ଧୁ ପାଠାଗାରକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରୁଛନ୍ତି।

ପାଠାଗାର ଉଦ୍‌ଘାଟନ ପରେ ଅଧ୍ୟକ୍ଷ ତ୍ରିପାଠୀ ଚିପିଲିମାସ୍ଥିତ କୃଷି ଓ ଉଦ୍ୟାନ କୃଷି ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସେ ଭିତ୍ତିଭୂମି ଦେଖିବା ସହ ଅଧ୍ୟାପକଙ୍କ ସହିତ କୃଷିବିଜ୍ଞାନ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ଅଧିକ ଗବେଷଣା କରିବାକୁ ପରାମର୍ଶ ଦେବାସହ କୃଷକମାନଙ୍କ ନିମନ୍ତେ ଉନ୍ନତ ଜ୍ଞାନକୌଶଳ ଉପରେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ବକୁଳ ଫାଉଣ୍ଡେଶନର ମୁଖ୍ୟ ସୁଜିତ୍ ମହାପାତ୍ର, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

